

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୨ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 December 2024
Vol.No. 35 ■ No.319 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସରିଲା ଡିଜିପି ସମ୍ମିଳନୀ: ଦିଲ୍ଲୀ ଫେରିଗଲେ ପ୍ରଧାନମନ୍ତ୍ରୀ ମୋଦୀ



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଡିଜିପି ସମ୍ମିଳନୀ ସାରି ଆଜି ଦିଲ୍ଲୀ ଫେରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହ ମନ୍ତ୍ରୀ ଅମିତ ଶାହ । ଡିଜିପି ସମ୍ମିଳନୀ ପାଇଁ ତିନି ଦିନିଆ ଓଡିଶା ଗସ୍ତରେ ଆସିଥିଲେ ପ୍ରଧାନମନ୍ତ୍ରୀ ନରେରେନ୍ଦ୍ର ମୋଦୀ ଏବଂ ଗୃହ ମନ୍ତ୍ରୀ ଅମିତ ଶାହ । ଆଜି ସମ୍ମିଳନୀର ଉଦଯାପନୀ ଦିନ ଥିଲା । ଏହା ସଂପନ୍ନ ପରେ ଅପରାହ୍ନରେ ଦିଲ୍ଲୀ ଫେରିଛନ୍ତି । ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀଙ୍କ ଏହି ଗସ୍ତ ଭିନ୍ନ ଭିନ୍ନ ଦୃଷ୍ଟି କୋଣରୁ ଥିଲା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ତିନି ଦିନିଆ ଡିଜିପି କନଫରେନ୍ସରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରସଙ୍ଗରୁ ଆରମ୍ଭ କରି ଆତଙ୍କ ବାଦ ମୁକାବିଲା ଚ୍ୟାଲେଞ୍ଜ, ମାଓ ମୁକାବିଲା ରଣନିତୀ, ଉପକୂଳ ସୁରକ୍ଷା, ନିଶା କାରବାର, ସାଇବର ଅପରାଧ ଚ୍ୟାଲେଞ୍ଜ, ଭାରତୀୟ ନ୍ୟାୟ ସଂହିତା ପ୍ରସଙ୍ଗରେ ଆଲୋଚନା ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିବା କୁହାଯାଉଛି । ଏହା ସହ ରାଜ୍ୟ ରାଜ୍ୟ ଭିତରେ ପୋଲିସ ସମନ୍ୱୟ, ଆଇନ ଶୃଙ୍ଖଳାଠୁ ଆରମ୍ଭ କରି ପୋଲିସ ଆଧୁନିକ କରଣ , ପୋଲିସ ଭିତ୍ତିଭୂମି ସଂପର୍କରେ ବି ଚର୍ଚ୍ଚା ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି । ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଉପସ୍ଥିତ ରହିଥିଲେ । ପ୍ରଥମ ଦିନରେ ଗୃହମନ୍ତ୍ରୀ ସମ୍ମିଳନିକୁ ଉଦଘାଟନ କରିଥିଲେ । ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନିଜେ ଦିନ ତମାମ ବୈଠକରେ ଉପସ୍ଥିତ ଥିଲେ । ଆଜି ତୃତୀୟ ଦିନରେ ସମ୍ମିଳନୀରେ ଉପସ୍ଥିତ ରହି ଦେଶର ପୋଲିସର ମନବଳ ବଢାଇଥିଲେ ପ୍ରଧାନମନ୍ତ୍ରୀ । ମୋଦୀଙ୍କ ଗସ୍ତର ପ୍ରଥମ ଦିନରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏୟାରପୋର୍ଟରେ ଆୟୋଜିତ ସଭାକୁ ସମ୍ବୋଧିତ କରିଥିଲେ । ଗସ୍ତର ପ୍ରଥମ ଦନିରେ ରାଜ୍ୟ କାର୍ଯ୍ୟାଳୟରେ ପାଖା ପାଖି ତିନି ଘଣ୍ଟା ରହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଜ୍ୟରେ ବିଜେପି ସରକାର କରିବାପରେ ମୋଦୀଙ୍କର ଏହା ଥିଲା ପ୍ରଥମ ରାଜ୍ୟ କାର୍ଯ୍ୟାଳୟ ଗସ୍ତ । ଏହି ସମୟରେ ଦଳର ବିଧାୟକ, ସାଂସଦ, ମନ୍ତ୍ରୀ ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ । କଥାରେ କଥାରେ ନିଜ ଜୀବନର ସଂଘର୍ଷ ଏବଂ ସଫଳତା କାହାଣୀ କହି ଜନପ୍ରତିନିଧିଙ୍କ ଆଚରଣ ଏବଂ ଉଚାରଣ ଚଳଣି କେମିତି ହେବ ତାହା କହିଥିଲେ । ସଙ୍ଗଠନ ଓ ସରକାର କିଭଳି ସମନ୍ୱୟ ରଖି ଆଗକୁ ବଢିବ , ସାଂସଦ ବିଧାୟକ କିଭଳି ଜନସଂପର୍କ ରଖିବେ ସେନେଇ ଗୁରୁମନ୍ତ୍ର ଦେଇଥିଲେ ମୋଦୀ । ମୋଦୀଙ୍କ ଏହି କାର୍ଯ୍ୟକ୍ରମ ରାଜ୍ୟ ବିଜେପିକୁ ବେଶ ବଳ ଦେଇଛି । ମୋଟା ମୋଟି କହିବାକୁ ଗଲେ ପ୍ରଧାନମନ୍ତ୍ରୀଙ୍କ ତିନିଦିନି ଓଡିଶାରେ ରହିବା ବେଶ ଗୁରୁତ୍ୱ ବହନ କରୁଥିବାବଳେ ସବୁଠି ପ୍ରଧାନମନ୍ତ୍ରୀ କରାଯାଇଥିଲା ଭବ୍ୟ ସ୍ୱାଗତ ।

## କାହାକୁ ଜୟନାରାୟଣଙ୍କ ଇସାରା ?



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ରାଜ୍ୟ କ୍ଷମତା ରାଜନୀତିରେ ଓଲଟ ପାଲଟ କରି ବିଜେପି ସରକାରକୁ ଆସିବାର ୬ମାସ ପରେ, ପ୍ରଥମଥର ପାଇଁ କେହି ଦଳ ବିରୋଧରେ ମୁହଁ ଖୋଲିଛନ୍ତି । ଅବସର ଥିଲା ଦିବଙ୍ଗତ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଶୋକସଭା । ଆଉ ନିଜ ଅଭିଭାଷଣ ରଖିବାବେଳେ ଜୋରଦାର କ୍ଷୋଭ ପ୍ରକାଶ କରିଛନ୍ତି ପୂର୍ବତନ ବିରୋଧୀଦଳ ନେତା । ସବୁଠୁ ବଡ଼କଥା ହେଉଛି ଶୋକସଭାରେ ଉପସ୍ଥିତ ଥିଲେ ରାଜ୍ୟ ସଭାପତିଙ୍କଠୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ । ତଥାପି କାହାରିକୁ ଖାତିର ନକରି ବିଷୋଦଗାର କରିଥିଲେ ଜୟନାରାୟଣ ମିଶ୍ର । ସମୀର ଦେଙ୍କ ସହ ନିଜକୁ ତୁଳନା କରି ଅତି କଡ଼ା ଭାଷାରେ ବିଷ ଉଗାରିଥିଲେ ସମ୍ବଲପୁର ବିଧାୟକ । ଦଳର ଜଣେ ବରିଷ୍ଠ ନେତା ଖୋଲାଖୋଲି ଟାର୍ଗେଟ କରିବା ପରେ, ତାଳି ପକାଇବାକୁ ଉଦ୍ୟମ କରିଛନ୍ତି ରାଜ୍ୟ ସଭାପତି ।

▶▶ପୃଷ୍ଠା ୭

## ପାରିବାରିକ କଳହର ଉଗ୍ର ରୂପ: ପୁଅବୋହୂଙ୍କୁ ଜାଳିଦେଲେ ବୃଦ୍ଧ

କଟକ, ୦୧/୧୨ (ନି.ପ୍ର): ପାରିବାରିକ କଳହର ହୋଇଛି କରୁଣ ପରିଣତି । ବୃଦ୍ଧ ବୟସରେ ଯେଉଁ ବାପା ପୁଅବୋହୂଙ୍କ ସାହାରା ଖୋଜନ୍ତି, ସେ ସାଜିଛନ୍ତି ରକ୍ତମୁଖା । ନିଜ ଭିତରେ ଥିବା କ୍ରୋଧକୁ ସମ୍ଭାଳି ନ ପାରି ବୃଦ୍ଧଜଣକ ନିଜ ପୁଅବୋହୂଙ୍କୁ ପେଟ୍ରୋଲ ଢାଳି ଜାଳି ଦେଇଥିବା ଜଣାଯାଇଛି । ଏପରି ଏକ ଅଭାବନୀୟ ଘଟଣା କଟକ

▶▶ପୃଷ୍ଠା ୭

## ସରକାରୀ ହସ୍ପିଟାଲରେ ରହିବେ ରେଡିଓଗ୍ରାଫର

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ସରକାରୀ ହସ୍ପିଟାଲରେ ରହିବେ ରେଡିଓଗ୍ରାଫର । ୨୫୦ ଜଣ ରେଡିଓଗ୍ରାଫର ଙ୍କୁ ଦିଆଯିବ ନିଯୁକ୍ତି ପତ୍ର । ରେଡ଼ିଓଗ୍ରାଫି ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହେବ । ଆଗାମୀ ଦିନରେ ଅଧିକ ପୋଷ୍ଟ ବାହାର କରିବାକୁ ଲକ୍ଷ ରଖିଛି ବିଭାଗ । ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ,ସର୍ଭିକାଲ କ୍ୟାନସର ସଚେନତନତା ସୃଷ୍ଟି କରାଯିବ । ଏଥି ନିମନ୍ତେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ବିଭାଗ କରିବ ବଡ଼ କାର୍ଯ୍ୟକ୍ରମ । ସ୍କୁଲ କଲେଜ ରେ କ୍ୟାମ୍ପ ସହ ଟୀକାକରଣ ବ୍ୟବସ୍ଥା କରାଯିବ । ସର୍ଭିକଲ କ୍ୟାନ୍ସର କେମିତି କିଶୋରୀମାନଙ୍କ କ୍ଷେତ୍ରରେ ରୋକାଯାଇ ପାରିବ ତାକୁ ନେଇ ହେବ ବ୍ୟାପକ ଟିକାକରଣ ।ଏହା ସହ ସମ୍ପୂର୍ଣ୍ଣ ଦେୟ ମୁକ୍ତ କ୍ୟାମ୍ପ, ଓ ଟୀକାକରଣ କରାଯିବ ।ସ୍କୁଲ ଓ କଲେଜ ଗୁଡିକରେ ଟୀକାକରଣ ଦେବାକୁ ବ୍ୟବସ୍ଥା କରାଯିବ ।

## ୟୁପିରୁ ଆସୁଛି ୩୦୦ ଟ୍ରକ୍ ଆଳୁ: ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଉତ୍ତର ପ୍ରଦେଶରୁ ଆସୁଛି ୩୦୦ ଟ୍ରକ୍ ଆଳୁ । ଆସନ୍ତାକାଲି ସୁଦ୍ଧା ଉତ୍ତର ପ୍ରଦେଶରୁ ଆସୁଥିବା ଆଳୁ ଓଡ଼ିଶାରେ ପହଞ୍ଚିବ । ଫଳରେ ରାଜ୍ୟରେ ଆଉ ଆଳୁ ସଙ୍କଟ ରହିବନି । ଆଜି ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଏହା ସହିତ ସେ ଅସାଧୁ ବ୍ୟବସାୟୀଙ୍କୁ ଚେତାବନୀ ମଧ ଦେଇଛନ୍ତି । ସେ କହିଛନ୍ତି, ଏବେ ଆଳୁ କିଲୋ ୩୫ ଟଙ୍କାରେ ବିକ୍ରି ହେଉଛି । କେଉଁଠି କେଉଁଠି ଅତି ବେଶୀରେ ୪୦ ଟଙ୍କାରେ ବିକ୍ରି ହେଉଛି ।

▶▶ପୃଷ୍ଠା ୭

## ବରଗଡ଼ ଧନୁଯାତ୍ରା: କଂସ ଭୂମିକାରେ ଅଭିନୟ କରିବେ ଭୁବନେଶ୍ୱର ପ୍ରଧାନ



ବରଗଡ଼, ୦୧/୧୨ (ନି.ପ୍ର): ଏଥର ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରିବେ ଭୁବନେଶ୍ୱର ପ୍ରଧାନ । ଜୁରୀ ସଦସ୍ୟମାନେ କଂସ ଭୂମିକା ପାଇଁ ତାଙ୍କ ନାଁ ଉପରେ ମାରିଛନ୍ତି ମୋହର । ଉତ୍ତମ ଅଭିନୟ ଓ ଉଚ୍ଚକୋଟୀର ସଂଳାପ ପାଇଁ ଅନ୍ୟ ତିନି ଜଣଙ୍କୁ ପଛରେ ପକାଇ ଭୁବନେଶ୍ୱର ପ୍ରଧାନ ବାଜି ମାରିଛନ୍ତି । ଭୁବନେଶ୍ୱର ପ୍ରଧାନ ପୂର୍ବରୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ୫ଥର କଂସ ଭୂମିକାରେ ଅଭିନୟ କରି ସାରିଛନ୍ତି । ଶେଷଥର ପାଇଁ ସେ ୨୦୨୦ରେ କଂସ ମହାରାଜା ଭୂମିକାରେ ଅଭିନୟ କରିଥିଲେ । ଷଷ୍ଠ ଥର ଏହି ଭୂମିକାରେ ଅଭିନୟ କରିବା ପାଇଁ ସୁଯୋଗ ପାଇବା ପରେ ଭୁବନେଶ୍ୱର ପ୍ରଧାନ କହିଛନ୍ତି, ଏଥର ସୁଯୋଗ ମିଳିଥିବାରୁ ମୁଁ ଆନନ୍ଦିତ ଓ ଗର୍ବିତ । ଧନୁଯାତ୍ରା ପାଇଁ ଆଉ ମାସେ ସମୟ ଅଛି । ନୂତନ ସଂଳାପ, ନୂତନ ଅଭିନୟ ଓ ନୂତନ ପୌରାଣିକ କଥାବସ୍ତୁକୁ ନେଇ ଏଥର ଜମିବ ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା । ଆସନ୍ତା ଜାନୁଆରୀ ୩ ତାରିଖରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ।

▶▶ପୃଷ୍ଠା ୭

## କେନ୍ଦ୍ର-ରାଜ୍ୟ ସରକାର ଉପରେ ବର୍ଷିଲା ମାଓ ସଂଗଠନ

ମାଲକାନଗିରି, ୦୧/୧୨ (ନି.ପ୍ର): ଆମ ଦେଶରେ ନବ-ଜନବାଦୀ ବିପ୍ଳବକୁ ସଫଳ କରିବା ଲକ୍ଷ୍ୟରେ ପିଏଲଜିଏ ଲୋକ ଯୁଦ୍ଧରେ ପରିଣତ ହୋଇ ଇତି ମଧ୍ୟରେ ୨୪ ବର୍ଷ ବିତିଛି । ଏହି ପରିପ୍ରେକ୍ଷୀରେ, ଆମର ସିଏମସିର ଆହ୍ୱାନକୁ ପାଳନ କରନ୍ତୁ ଏବଂ ଦକ୍ଷିଣ ସବ ଜୋନ ଅଞ୍ଚଳରେ ପିଏଲଜିଏକୁ ଧୁମଧାମରେ ପାଳନ କରନ୍ତୁ ବୋଲି ଦକ୍ଷିଣ ବସ୍ତର ମାଓ ଡିଭିଜନ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛି । ଗତ ଏକ ବର୍ଷରେ ଅପରେସନ କଗାରକୁ ବିଫଳ କରିବା ପାଇଁ ଯେଉଁ ସାଥୀମାନେ ନିଜର ବଳିଦାନ ଦେଇଛନ୍ତି, ସେମାନଙ୍କୁ ମନେ ପକାଇବା ସହ ସେମାନଙ୍କର ବଳିଦାନ ବିଫଳ ହେବାକୁ ଦେବା ନାହିଁ ବୋଲି କୁହାଯାଇଛି । କେନ୍ଦ୍ର ସରକାରଙ୍କର ଅପରେସନ କଗାରକୁ ବିଫଳ କରିବା ପାଇଁ ଏବଂ ଆମେ ଆମର ଆତ୍ମରକ୍ଷା କରିବା ପାଇଁ ବାଧ ହୋଇ ଆମେ ଧର୍ମାରାମ କ୍ୟାମ୍ପ ଉପରେ ହମଲା କରିବା, ଜିରାଗୁଡେମରେ ଆମ୍ବୁସ ଲଗାଇବା, ତିପୁଡାମରେ ପୁଲିସ ଉପରେ ଆକ୍ରମଣ କରିବା ଭଳି ହିଂସା ଘଟାଇଛୁ । ଜନତାଙ୍କ ସହଯୋଗରେ ଆମେ ବହୁ ଯୋଜନାକୁ ବିଫଳ କରିପାରିଛୁ, ଯେପରି ଗତ ଏପ୍ରିଲ ୨ ତାରିଖରେ ନେନ୍ଦ୍ରା-କୋଟିଲ ଗ୍ରାମ ନିକଟରେ ୫ ହଜାର ପୁଲିସ କର୍ମୀ ଆମ ଉପରେ ଆକ୍ରମଣ କରିଥିଲେ । କିନ୍ତୁ ଆମେ ପୁଲିସକୁ ଚକମା ଦେଇ ଖସି ପଳାଇବାରେ ସକ୍ଷମ ହୋଇଥିଲୁ । ଫାଶୀବାଦୀ ଆରଏସଏସ-ବିଜେପିକୁ କେନ୍ଦ୍ରରୁ ତଡିବୁ ।

▶▶ପୃଷ୍ଠା ୭

## ପୁଲିସ ଗୁଳିରେ ଟଳିଲେ ୭ ମାଓବାଦୀ



ନୂଆଦିଲ୍ଲୀ, ୦୧/୧୨ : ତେଲଙ୍ଗାନା ପୁଲିସକୁ ମିଳିଲା ବଡ଼ ସଫଳତା । ଏନ୍କାଉଣ୍ଟରରେ ଟଳିଲେ ୭ ମାଓବାଦୀ । ମୁଲୁଗୁ ଜିଲ୍ଲା ଏତୁରଙ୍ଗାରମ ଜଙ୍ଗଲରେ ଏହି ଏନ୍କାଉଣ୍ଟର ହୋଇଛି । ମୁଲୁଗୁ ଏସ୍‌ପି ଡକ୍ଟର ସବାରିଶ ଏହି ସୂଚନା ଦେଇଛନ୍ତି । ପୁଲିସ ସୂଚନା ମୁତାବକ, ଆଜି ସକାଳୁ ଏହି ଏନ୍କାଉଣ୍ଟର ହୋଇଛି । ମୁଲୁଗୁ ଜିଲ୍ଲାର ଏତୁରଙ୍ଗାରମ ମଣ୍ଡଳର ଚଲପାକା ଜଙ୍ଗଲରେ ତେଲେଙ୍ଗାନା ପୁଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା ।

▶▶ପୃଷ୍ଠା ୭

## ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟରେ ଏଡ୍ସ ଦିବସ ପାଳିତ



ବାଲେଶ୍ୱର, ୦୧/୧୨ (ନି.ପ୍ର): ଉତ୍କଳ ସଂସ୍କୃତି ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ, ଇନ୍ଷ୍ଟିଚ୍ୟୁଟ୍ ନେଚର କିୟର ଏବଂ ଯୋଗିକ ସାଇନସ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଓ ୟୁଥ୍ ରେଡ୍ କ୍ରସ୍ (ୟୁଆରସି)ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ଫାରମାସି ଅଫିସର ମହିମ୍ କୁମାର ପାଲ ଏବଂ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା ଉପସ୍ଥିତ ରହି ଏଡସ୍‌ର ସଚେତନତା ଉପରେ ମତୋ ଉପଯୋଗ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡ. ଦେବୀ ଅର୍ଚ୍ଚନା ଦାସ ପୌରହିତ କରିଥିବାବେଳେ ମହାବିଦ୍ୟାଳୟର ଅଧାପକ ଅଭିଶେକ ଦାସ ଓ ଅଧାପିକା ଅନିତା ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ 'ମାଷ୍ଟର ଇନ୍ ଯୋଗ' ଏବଂ ଡିପ୍ଲମାର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

## ଦିଲ୍ଲୀରେ ମେଣ୍ଟ ହେବନି: ଏକା ଲଢିବ ଆପ୍



ନୂଆଦିଲ୍ଲୀ, ୦୧/୧୨ : ଦିଲ୍ଲୀରେ କୌଣସି ପ୍ରକାର ମେଣ୍ଟ କରିବନି ଆମ୍ ଆଦମୀ ପାର୍ଟି (ଇଇଚ) । ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ ଏକା ଲଢିବ ବୋଲି ଦଳର ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି । ଏନେଇ ଆଜି ଏକ ଘୋଷଣା କରି କେଜ୍ରିୱାଲ କହିଛନ୍ତି, ଦିଲ୍ଲୀ ବିଧାସନଭା ନିର୍ବାଚନରେ ଆପ୍ କୌଣସି ମିଳିତ ମଞ୍ଚ ଗଠନ କରିବ ନାହିଁ । ସମସ୍ତ ଆସନରେ ଆପ୍ ଏକା ହିଁ ଲଢିବ । କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମିଳିତ ମଞ୍ଚର ଆପ୍ ଏକ ସଦସ୍ୟ ଥିଲେ ମଧ ଦିଲ୍ଲୀରେ ଦଳ କୌଣସି ପ୍ରକାର ମେଣ୍ଟ କରିବ ନାହିଁ ବୋଲି କେଜ୍ରିୱାଲ ସ୍ପଷ୍ଟ କରିଛନ୍ତି । ଆସନ୍ତା ବର୍ଷ ଫେବ୍ରୁଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ମାତ୍ର ନିର୍ବାଚନ କମିଶନ ବର୍ତ୍ତମାନ ସୁଦ୍ଧା ତାରିଖ ଘୋଷଣା କରିନାହାନ୍ତି । ଏହା ପୂର୍ବରୁ ଆପ୍ ୧୪ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି । ପ୍ରକାଶ ଥାଉକି, ବର୍ତ୍ତମାନ ଦିଲ୍ଲୀରେ ଆପ୍ ସରକାର ଚାଲିଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନରେ ସର୍ବାଧିକ ୬୨ଟି ଆସନ ପାଇ ସରକାରରେ ଅଛି ଆପ୍ । ଶେଷ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଏବଂ ସିବିଆଇ ତାଙ୍କୁ ଗିରଫ କରିବା ପରେ ଜେଲରୁ ଆସି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ କେଜ୍ରିୱାଲ । ବର୍ତ୍ତମାନ ଆତିଶୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅଛନ୍ତି । କିନ୍ତୁ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଚେହେରା ଭାବେ କେଜ୍ରିୱାଲ ହିଁ ମୈଦାନକୁ ଓହ୍ଲାଇବେ ବୋଲି ପୂର୍ବରୁ ସ୍ପଷ୍ଟ କରି ସାରିଛନ୍ତି ।

## ଅତି କମ୍‌ରେ ୩ଟି ପିଲା ଜରୁରୀ: ଆରଏସଏସ ମୁଖ୍ୟ



ନୂଆଦିଲ୍ଲୀ, ୦୧/୧୨ : ଆରଏସଏସ ମୁଖ୍ୟ ମୋହନ ଭାଗବତ ପରିବାର ଉପରେ ଗୁରୁତ୍ୱ ଦେଇ ବଡ଼ ବୟାନ ରଖିଛନ୍ତି । ଯଦି ସମାଜର ଜନସଂଖ୍ୟା ଅଭିବୃଦ୍ଧି ୨.୧ ତଳକୁ ଖସି ଯିବ, ତା'ହେଲେ ସମାଜ ନିଜେ ନିଜେ ହିଁ ନଷ୍ଟ ହୋଇଯିବ । ତେଣୁ ଅତି କମରେ ସମସ୍ତେ ୨ରୁ ଅଧିକ ଅର୍ଥାତ ୩ଟି ସନ୍ତାନଙ୍କୁ ଜନ୍ମ ଦେବା ଦରକାର ବୋଲି ମୋହନ ଭାଗବତ କହିଛନ୍ତି । ନାଗପୁରରେ ଆୟୋଜିତ କାଥାଲେ କୁଳ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଭାଗବତ କହିଛନ୍ତି, "କୁଟୁମ୍ବ ହେଉଛି ଆମ ସମାଜର ଅଂଶ ବିଶେଷ । ପ୍ରତିଟି ପରିବାର ଗୋଟିଏ ଗୋଟିଏ ୟୁନିଟ । ଜନସଂଖ୍ୟା ହ୍ରାସ ପାଇବା ଚିନ୍ତାର ବିଷୟ । କାରଣ ଲୋକସଂଖ୍ୟା ଶାସ୍ତ୍ର କହୁଛି ଯଦି ଆମେ ୨.୧% ତଳକୁ ଖସିଯିବା, ତା'ହେଲେ ସମାଜ ନଷ୍ଟ ହୋଇଯିବ । ଏହାକୁ କେହି ଧ୍ୱଂସ କରିବେ ନାହିଁ, ସମାଜ ଆପେ ଆପେ ହିଁ ଧ୍ୱଂସ ହୋଇଯିବ ।" ସେ ଆହୁରି କହିଛନ୍ତି, "ଆମ ଦେଶର ଜନସଂଖ୍ୟା ନୀତି, ଯାହା ୧୯୯୮ କିମ୍ବା

▶▶ପୃଷ୍ଠା ୭

# ସାହିତ୍ୟ କାଳଜୟୀ, ଏହାର କେବେ ବିଳୟ ନାହିଁ



ଆଳି, ୧/୧୨(ନି.ପ୍ର) )-ସାହିତ୍ୟ କାଳଜୟୀ। ଏହା ର କେବେ ବିଲୟ ନାହିଁ । ପ୍ରଥମେ ଏହା ମୌଖିକ ଓ ପରେ ଲିପିର ଆବିଷ୍କାର ପରେ ଏହା ଲିଖିତ ଭାବରେ ଆମ ନିକଟରେ ପରିବେଷଣ ହୋଇଛି ।ସାହିତ୍ୟ ଦାରିଦ୍ର୍ୟ ଦୂରୀକରଣ କରିପାରେ ନାହିଁ କିନ୍ତୁ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିପାରେ। ସାହିତ୍ୟ କେବେ ଧ୍ୱଂସର କଥା କୁହେ ନାହିଁ। କିନ୍ତୁ ଧ୍ୱଂସ କବଳିତ ମଣିଷ ଓ ଜୀବଜଗତ ବିଷୟରେ ଜନ ସାଧାରଣ ମାନଙ୍କୁ ସଚେତନ କରେ। ସାହିତ୍ୟ ମଣିଷ ଜୀବନର ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ତା ପାଖରେ ଥାଏ ବୋଲି ସ୍ଥାନୀୟ ମାନପୁରରେ ଥିବା ଗୋପବନ୍ଧୁ ପୂଜ୍ୟପୂଜା ପରିଷଦର ବାର୍ଷିକ ଉତ୍ସବରେ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକମାନେ ଏହା ପ୍ରକାଶ କରିଛନ୍ତି। ରବିବାର ଦିନ ମାନପୁର ଗୋପବନ୍ଧୁ ମନ୍ଦିର ପରିସରରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ବିଜୟ କୁମାର ମହାକୁଡ଼ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ ପ୍ରଶାସକ ତଥା ଲବ୍ଧ ପ୍ରତିଷ୍ଠ କବି ଧନଞ୍ଜୟ ସ୍ୱାଇଁ ଯୋଗଦେଇ କହିଲେ ଯେ ସାହିତ୍ୟ ସାହିତ୍ୟ ଦାରିଦ୍ର୍ୟ ଦୂରୀକରଣ ନ କରି ପାରିଲେ ବି ଏହା ବିରୁଦ୍ଧରେ ସଂଗ୍ରାମ କରିଥାଏ । ସାହିତ୍ୟ କାଳଜୟୀ ଏହା ପୃଥିବୀର ଅସ୍ତିତ୍ୱ ଥିବା ଯାଏ ରହିଥିବ। କୃତ୍ରିମ ବୁଦ୍ଧିମତା ଯେତେ ଯାହା କଲେ ବି ସାହିତ୍ୟ ଆମ ପାଇଁ ଅପରିହାର୍ଯ୍ୟ ହୋଇରହିଥିବ। ମୁଖ୍ୟବକ୍ତା ଭାବରେ କବି ମୁରଲୀ ଧର ସାମଲ ଯୋଗଦେଇ କହିଲେ ଯେ ସାହିତ୍ୟ ଓ ସଂସ୍କୃତି ଗୋଟିଏ ସଭ୍ୟତାର ମୂଳ ଉତ୍ସ। ସାହିତ୍ୟ କୁ ବାଦ ଦେଇ ସଭ୍ୟତା ତିଷ୍ଠି ପାରିବ ନାହିଁ। ସମ୍ମାନୀତ ଅତିଥି ଭାବରେ ଡଃ ଶ୍ରୀହରି ଧଳ କହିଲେ ଯେ ଗାଁରେ ହିଁ ସାହିତ୍ୟର ସୃଷ୍ଟି। ଗାଁ କୁ ଛାଡ଼ି ଦେଲେ ସାହିତ୍ୟର ଅସ୍ତିତ୍ୱ ନାହିଁ। ସୃଷ୍ଟିର ଆରମ୍ଭରୁ ଯେତେ ଯେତେ ସାହିତ୍ୟ ସୃଷ୍ଟି ହୋଇଛି ତା'ର ଆରମ୍ଭ ହିଁ ଗାଁରେ। ଆଉ ଆଜି କାଲି ଗ୍ରାମାଂଚଳରୁ ପ୍ରକାଶିତ ସାହିତ୍ୟ ପତ୍ରିକାଗୁଡିକ ସହରର ସାହିତ୍ୟ ପତ୍ରିକା ଠାରୁ କୌଣସି ଗୁଣରେ ପଛରେ ନାହିଁ। ଅନ୍ୟତମ ସମ୍ମାନିତ ଅତିଥି ୱାର୍ଲଡ ୱାଚ ପତ୍ରିକାର ସଂପାଦକ ଦିଲ୍ଲୀପ ଦାସ ଅନୁରୂପ ଭାବରେ ଗ୍ରାମାଂଚଳ ସାହିତ୍ୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କବି ଶିକ୍ଷା ବିତ ଡ. ଶ୍ରୀଧର ସାମଲଙ୍କୁ ବିଦ୍ୟୁତପ୍ରଭା ଦେବୀ ସାହିତ୍ୟ ସମ୍ମାନ, ଗାଳ୍ପିକ ଓ ଔପନ୍ୟାସିକ ପ୍ରଦୀପ କୁମାର ନାୟକଙ୍କୁ ବୈକୁଣ୍ଠନାଥ ମଲ୍ଲିକ ଶିକ୍ଷାବିତ ଓ ସମାଜସେବା ସମ୍ମାନ, କବି ଅଶୋକ ବିଶ୍ୱାଳଙ୍କୁ କୃଷ୍ଣାୟନ କବିତା ସମ୍ମାନ, ଓ ନବକିଶୋର ଦାସଙ୍କୁ ସାହିତ୍ୟିକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଂପାଦକ ଶୈଳେନ୍ଦ୍ରନାଥ ଦାସ ଓ ଉପ ସଭାପତି ବନମାଳୀ ସେନାପତି ଉତ୍ସବର ସଂଯୋଜନା କରିଥିବା ବେଳେ ଅମୁଲ୍ୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ବିଶ୍ୱ ଏଡ଼ସ୍ ଦିବସ-୨୦୨୪ ଅବ୍ୟବ୍ୟହିତ ପୂର୍ବରୁ ସଚେତନତା ସଭା ଓ କ୍ୟାଣ୍ଡେଲ୍ ରାଲି

କନ୍ଧମାଳ, ୦୧/୧୨ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲ୍ଲା ସ୍ୱାସ୍ଥ୍ୟସମିତି, କନ୍ଧମାଳ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତ, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ବିଶ୍ୱ ଏଡସ୍ ଦିବସ-୨୦୨୪ ଅବସରରେ ଫୁଲବାଣୀ ସ୍ଥିତ ଚନ୍ଦନ ନଗର ଠାରେ ଏ ବର୍ଷର ବିଷୟ "ଅଧିକାରର ସଠିକ ମାର୍ଗ ଅନୁସରଣ କରିବା"କୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ପାଇଁ ପ୍ରୟାସ କରାଯାଇଛି। ଜିଲ୍ଲାରେ ଚାଲିଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ମାଧ୍ୟମରେ କନ୍ଧମାଳ ଜିଲ୍ଲାର କୋଣ ଅନୁକୋଣରେ ଗୋଷ୍ଠି ସଚେତନତା ଜାରି ରହିଥିବାବେଳେ ଡିସେମ୍ବର ୨୦୨୪ ଏଡସ୍ ଦିବସ ଅବ୍ୟବ୍ୟହିତ ପୂର୍ବରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂକ୍ରମିତ ବ୍ୟକ୍ତିମାନଙ୍କୁ ସଠିକ ଚିକିତ୍ସା ଓ ସହଯୋଗ ଦେଇ ଦୀର୍ଘଦିନ ବଂଚିବାର ସୁଯୋଗ ଦେବାକୁ ଗୁରୁତ୍ୱ ଦେଇଥିଲେ। ଏଥିସହ ଏଚ୍.ଆଇ,ଭି/ଏଡ୍ସ ସୁପରଭାଇଜର ଦେବାଶିଷ ମିଶ୍ର ଯୋଗଦେଇ ଏଡସ୍ ଦିବସ ପାଳନର ମହତ୍ୱକୁ ଉପସ୍ଥାପନା ଗପ ଓ କାହାଣୀ ମାଧ୍ୟମରେ ଉପସ୍ଥାପନା କରିବା ସହିତ ଏଚ୍.ଆଇ.ଭି/ଏଡ୍ସ ସମ୍ପର୍କିତ ଥିବା ସୁବିଧା ସୁଯୋଗଗୁଡ଼ିକୁ ସେମାନଙ୍କ ଅଧିକାର ବୋଲି ନେଇ ଅନ୍ତର୍ଭୁକ୍ତି ହେବା ଆବଶ୍ୟକ ବୋଲି କହିଥିଲେ। ପରାମର୍ଶଦାତା ଗୋବିନ୍ଦ ଚନ୍ଦ୍ର ଜେନା ଏହି ଆଲୋଚନାରେ ଉପସ୍ଥିତ ରହି ଏଚ୍.ଆଇ.ଭି. ଭୂତାଣୁ ବ୍ୟାପିବାର ଚାରିଗୋଟି ମାଧ୍ୟମକୁ ଜନସାଧାରଣଙ୍କୁ ଅବଗତ କରିଥିଲେ ଓ ଏହି ସଂକ୍ରମଣ କିପରି ଦୁଇ ଦଶନ୍ଧି ପୂର୍ବରୁ ସମାଜକୁ ଡରାଇ ଥିଲା ତାହା ମଧ୍ୟ ସୁଚନା ଦେଇଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ଓ କର୍ମୀ ପ୍ରଦିପ କୁମାର ସ୍ୱାଇଁ ଅନୁଷ୍ଠାନ ମାଧ୍ୟମରେ ଚାଲିଥିବା କାର୍ଯ୍ୟକ୍ରମ ଗୁଡ଼ିକର ଲାଭ ବିଷୟରେ ଜଣାଇଥିଲେ। ଏହି ଆଲୋଚନା ଶେଷରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରାଯାଇ ସଂକ୍ରମିତ ବ୍ୟକ୍ତିମାନଙ୍କର ଦୀର୍ଘାୟୁ କାମନା କରିବାସହ ଯେପରି ଗୋଟିଏ କ୍ୟାଣ୍ଡେଲ୍ ଜାଳିଲେ ସେଥିରୁ ଶହ ଶହ କ୍ୟାଣ୍ଡେଲ୍ ଜଳାଇ ହୁଏ ସେହିପରି ଉପସ୍ଥିତ ଥିବା ଜଣେ ଜଣେ ବ୍ୟକ୍ତି ଯଦି ଶହ ଶହ ବ୍ୟକ୍ତିଙ୍କୁ ସୂଚନା ଦେବେ ତାହା ହେଲେ ଏଡ୍ସ ଭଳି ମହାମାରୀକୁ ରୋକାଯାଇ ପାରିବ ବୋଲି ଡାକ୍ତର ପାଢ଼ୀ ମତବ୍ୟକ୍ତ କରିଥିଲେ।

# ଗ୍ରାମୀଣ ବିକାଶ ପାଇଁ ସ୍ୱତନ୍ତ୍ର ଫୋକସ୍ : ସେତୁ ସହ ବନ୍ଧରା ନିର୍ମାଣ ଦ୍ୱାରା ଗମନାଗମନ ଓ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଗଠନ ସଂକଳ୍ପର ପ୍ରମୁଖ ଦିଗ ହେଉଛି ଗ୍ରାମୀଣ ବିକାଶ । ଓଡ଼ିଶା ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ସେତୁ ସହ ବନ୍ଧରା ପ୍ରକଳ୍ପଗୁଡିକ ହେଉଛି ସେହି ଦିଗରେ ଏକ ଅଭିନବ ପ୍ରୟାସ । ଏହା ଦ୍ୱାରା ଗ୍ରାମାଂଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବା ସହ ସେଠାକାର ଜଳସ୍ତର ବୃଦ୍ଧିପାଇ ଗ୍ରାମୀଣ ଅର୍ଥନୀତି ଓ ଜନସାଧାରଣଙ୍କ ଜୀବନ ଜୀବିକାରେ ଉନ୍ନତି ହେବାର ସୁଯୋଗ ସୃଷ୍ଟି ହୋଇପାରୁଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଉଥିବା ସେତୁ ସହ ବନ୍ଧରା ପ୍ରକଳ୍ପଗୁଡିକ ରାଜ୍ୟର ବହୁମୁଖୀ ବିକାଶରେ ଉପାଦେୟ ସାବ୍ୟସ୍ତ ହେଉଛନ୍ତି । ୨୦୨୪ ଜୁନରୁ ନଭେମ୍ବର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୮ଗୋଟି 'ସେତୁ ସହ ବନ୍ଧରା' ପ୍ରକଳ୍ପ ନିର୍ମାଣ ଶେଷ ହୋଇ ସାରିଥିବାବେଳେ ଆହୁରି ୭୧ ଗୋଟି ପ୍ରକଳ୍ପକୁ ଅନୁମୋଦନ ମିଳିସାରିଛି । ଏହି 'ସେତୁ ସହ ବନ୍ଧରା' ପ୍ରକଳ୍ପଗୁଡିକର ବହୁବିଧ ଉପଯୋଗିତା ରହିଛି । ଏହା ଦ୍ୱାରା ଗମନାଗମନର ସୁବିଧା ସହ ଜଳ ସରଂକ୍ଷଣ ମଧ୍ୟ କରାଯାଇପାରୁଛି ଯାହା ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧିପାଇବ । ଗ୍ରୀଷ୍ମ ଋତୁରେ ଏହି ସଂରକ୍ଷିତ ଜଳକୁ ଚାଷଜମିକୁ ଜଳସେଚନ କରାଯିବା ସହ ବିଶୋଧନ ପ୍ରକ୍ରିୟା ଦ୍ୱାରା ପାନୀୟଜଳ ରୂପେ ମଧ୍ୟ ବ୍ୟବହାର କରାଯାଇପାରୁଛି । ଖରାଦିନେ ଶୁଖିଯାଉଥିବା 'ନାଳ'ଗୁଡିକର ଜଳସ୍ତର ବୃଦ୍ଧିରେ ଏହି ପ୍ରକଳ୍ପଗୁଡିକ ସହାୟକ ହେଉଛି । ଜଳାଭାବ ଦୂର ହେବା ସହ ଏହି ସଂଚିତ ଜଳକୁ ଗାଈଗୋରୁ ଓ ଅନ୍ୟାନ୍ୟ ଜୀବଜନ୍ତୁ ମଧ୍ୟ ପାନୀୟ ଜଳ ରୂପେ ବ୍ୟବହାର କରିପାରୁଛନ୍ତି । ଏହା ନିକଟସ୍ଥ ଅଂଚଳରେ ତାପମାତ୍ରା ବୃଦ୍ଧିକୁ ରୋକିବା ସହ ମୃତ୍ତିକା କ୍ଷୟକୁ ମଧ୍ୟ ରୋକିପାରୁଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଧ୍ୟ ନିଜ ବଜେଟ ଅଭିଭାଷଣରେ 'ସେତୁ ସହ ବନ୍ଧରା' ଉପରେ ଗୁରୁତ୍ୱ ଦେଇ ଏକ ପରିବେଶ ଅନୁକୂଳ ପଦକ୍ଷେପ ସ୍ୱରୂପ ସରକାର ରାଫଫ ଫାଉଣ୍ଡେସନ ଥାଇ ଛୋଟ ସେତୁ ଉପରେ ଚେକ୍ ଡ୍ୟାମ୍ / ବ୍ରିଜ୍-କମ୍-ୱିର ନିର୍ମାଣ ମାଧ୍ୟମରେ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ । ସେଥିପାଇଁ ବଜେଟରେ ୮୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହା ଦ୍ୱାରା ନାଳଗୁଡ଼ିକରେ ଜଳ ସଂରକ୍ଷଣ ହେବା ସହ, କ୍ଷୁଦ୍ର ଜଳସେଚନ, ପଶୁପକ୍ଷୀଙ୍କ ପାନୀୟ ଏବଂ ଭୂତଳଜଳ ରିଚାର୍ଜ ସୁନିଶ୍ଚିତ ହେବ । ଏହି କ୍ରମରେ ସୁନ୍ଦରଗଡ ଜିଲ୍ଲା ଚନ୍ଦ୍ରପୁର-କୁଳକୁତା ରାସ୍ତାରେ ଫଟାଟାଙ୍ଗର ନାଳ, ଅନୁଗୋଳ ଜିଲ୍ଲା ରେଙ୍ଗାଲି-କୁଲୁମାନିଆଲୁ ରାସ୍ତାରେ ବଳରାମପୁର ନାଳ, କନ୍ଧମାଳ ଜିଲ୍ଲା କୁଡୁତୁଲି ଡମେରିକିଆ ରାସ୍ତାରେ ଥିବା ନାଳ ଦେବଗଡ଼ ଜିଲ୍ଲା ଝରସାହିରୁ ନାକଟିମାଲ ରାସ୍ତାରେ ଥିବା ନାଳରେ ନିର୍ମିତ ସେତୁ ସହ ବନ୍ଧରା ପ୍ରକଳ୍ପଗୁଡିକ ବଳିଷ୍ଠ ଉଦାହରଣ ରୂପେ ସେ ଅଂଚଳର ବହୁବିଧ ବିକାଶରେ ସାହାଯ୍ୟକାରୀ ହେଉଛନ୍ତି । ସେତୁ ସହ ବନ୍ଧରା ନିର୍ମାଣ ଦ୍ୱାରା ଯୋଗାଯୋଗ, ଜଳ ସରଂକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି, କ୍ଷୁଦ୍ର ଜଳସେଚନ, ପାନୀୟଜଳ ଆଦି ବିଭିନ୍ନ ସୁବିଧା ହେଉଥିବାରୁ ଏହା ଗ୍ରାମାଂଚଳର ସାମଗ୍ରିକ ବିକାଶର ମାଧ୍ୟମ ହୋଇପାରୁଛି ।

# କଳିଙ୍ଗ କର୍ମଯୋଗୀ କନକ୍ଲେଭ ଓ ପ୍ରାଇଡ୍ ଅଫ୍ ଓଡ଼ିଶା ପୁରସ୍କାର ପ୍ରଦାନ



ଭୁବନେଶ୍ୱର, ୧/୧୨(ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବା, ଜେଇ ଓ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେଇଥିବା, ସଫଳ ଛାତ୍ରଛାତ୍ରୀ ମାନଙ୍କୁ ନେଇ କର୍ମଯୋଗୀ କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୁରଜ ସୂର୍ଯ୍ୟବଂଶୀ ଏହି କନକ୍ଲେଭକୁ ଉଦଘାଟନ କରିଥିଲେ, ବିଶିଷ୍ଟ ଅତିଥି ଭାବରେ ଲୋକ ସଭା ସଦସ୍ୟ ଶ୍ରୀଯୁକ ଅମର ପଟ୍ଟନାୟକ, ଏମ୍ସ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର୍ ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ କର୍ମଯୋଗ କନକ୍ଲେଭ୍ ସମ୍ପର୍କରେ ମତ ରଖିବା ସହିତ ନୂତନ କରି ପ୍ରାସାଶନିକ ସେବାରେ ଯୋଗଦେବାକୁ ଯାଉଥିବା ଛାତ୍ରଛାତ୍ରୀ ମାନଙ୍କୁ ସାଧୁତା ଓ ସଫଳତା ସହିତ ଓଡ଼ିଶା ବିକାଶରେ ସେମାନଙ୍କର ଭୂମିକା କ'ଣ ସେ ସମ୍ପର୍କରେ ଅତିଥିମାନେ ବୌଦ୍ଧିକ ମତ ରଖିବା ସହିତ ଉତ୍ସାହିତ କରିଥଲେ। ଏହି କନକ୍ଲେଭ୍ ରେ ଓଡ଼ିଶାର ସଫଳ ବିଶିଷ୍ଟ ବ୍ୟକ୍ତିତ୍ୱ ଧାବିକା ଦୂତିଚାନ୍ଦ, କ୍ରୀଡାବିତ୍ ପ୍ରମୋଦ ଭଗତ, ଅମିତ ରୋହିତ ଦାସ, କଣ୍ଠଶିଳ୍ପୀ ବର୍ଣ୍ଣାଳି ହୋତା ଓ ଦିପ୍ତିରେଖା ମହାପାତ୍ର ପ୍ରମୁଖଙ୍କୁ ପ୍ରାଇଡ ଅଫ୍ ଓଡ଼ିଶା ପୁରସ୍କାର ପ୍ରଦାନ କରାଯାଇଥିଲା , ଏହି କାର୍ଯ୍ୟକ୍ରମକୁ ଉପସ୍ଥାପିକା ପ୍ରିୟଙ୍କା ପରିଚାଳନା କରିଥଲେ ଏବଂ କଳିଙ୍ଗ ଆଇଏଏସ୍ ଏକାଡେମୀ ନିର୍ଦ୍ଦେଶକ ଦୀପକ ରାଉତ ଧନ୍ୟବାଦ୍ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ପୂର୍ବତନ ଭାରତୀୟ ପ୍ରସାଶନିକ ଅଧିକାରୀ ବିବେକ ପଟ୍ଟନାୟକ, ପ୍ରାଶାସନିକ ଅଧିକାରୀ ଅକ୍ଷୟ ମହାନ୍ତି,ପ୍ରଫେସର୍ ସତ୍ୟନାରାୟଣ ମିଶ୍ର, ମେଜର ଜେନେରାଲ ଅତନୁ ପଟ୍ଟନାୟକ ଏବଂ ଅଭିନେତା ଓ ନିର୍ଦ୍ଦେଶକ ଦ୍ୱିପାୟନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ନୂଆକରି ଯୋଗଦେବାକୁ ଥିବା ପ୍ରାଶାସନିକ ଅଧିକାରୀ ମାନଙ୍କୁ ସଫଳତାର ମନ୍ତ୍ର ଦେବା ସହିତ ଦେଶ ଓ ରାଜ୍ୟ ପାଇଁ କାମ କରି ନିଜକୁ ଗର୍ବିତ କରିବାକୁ ପ୍ରେରିତ କରିଥିଲେ ପରେ ପରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ କଳିଙ୍ଗ ଆଇଏଏସ୍ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।।

## କୃଷକ ସାଥୀ ସଂଘର ବୈଠକ ଓ କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡ଼ା, ୦୧/୧୨ (ନି.ପ୍ର): କେନ୍ଦ୍ରାପଡ଼ା କୃଷକ ସାଥୀ ସଂଘର ବୈଠକ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ମହେନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉପ ସଭାପତି ଶୁଶାନ୍ତ ପାତ୍ର, ସମୀର ବିଶ୍ୱାଳ, ସଂପାଦକ ଅଜୟ କୁମାର ସାମଲ, କୋଷାଧ୍ୟକ୍ଷ ଦୁଷ୍ମନ୍ତ ପରିଡ଼ା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ରାଜ୍ୟ ଉପଦେଷ୍ଟା ଓ କଟକ ଜିଲ୍ଲାର ସଭାପତି ଲକ୍ଷ୍ମୀଧର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସଂଘକୁ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଗଗନ ବିହାରୀ ଧଳ, ରବି ନାରାୟଣ ସାହୁ, ମଦନ ମୋହନ ମହାପାତ୍ର, ଲାଲ ମୋହନ ମିଶ୍ର, ଆଶୁତୋଷ ସିନ୍ହା, ହେମନ୍ତ କୁମାର ଦାସ, ସୁରେନ୍ଦ୍ର କୁମାର ସେଠୀଙ୍କୁ ଉପଦେଷ୍ଟା ମଣ୍ଡଳୀରେ ରଖାଯାଇଛି । ଏହି ଆଲୋଚନା ରେ ଦୀର୍ଘ ୧୮ ବର୍ଷ ଧରି ପ୍ରତ୍ୟେକ ପଂଚାୟତରେ ୨ଜଣ କୃଷକ ସାଥୀ କାମ କରୁଛନ୍ତି । ସରକାର ଯେଉଁ ପ୍ରେତ୍ସାହନ ରାଶି ଦେଉଛନ୍ତି, ତାହା ସନ୍ତୋଷ ଜନକ ନୁହେଁ।

# ଉଦ୍‌ଯାପିତ ହେଲା ରାଜ୍ୟସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ 'ଉତ୍ସାହ'

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ "ଉତ୍ସାହ"(କ୍ରୀଡା ପ୍ରତିଯୋଗିତା) କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ୟୁନିସେଫ ଓଡ଼ିଶା ମୁଖ୍ୟ ଶ୍ରୀ ୱିଲିୟମ ହାନଲେନ ଜୁନିଅର, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡ଼ିଶା ମୁଖ୍ୟ ଶ୍ରୀ ହିମାଂଶୁ ବଳ, ଭାରତୀୟ ଧାବିକା ଶ୍ରାବଣୀ ନନ୍ଦ, ଧାବକ ଅନିମେଶ କୁଜୁର ଓ ପ୍ରତିଷ୍ଠିତ ପ୍ରଚ୍ଛଦପଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ରାଜ୍ୟସ୍ତରୀୟ କ୍ରୀଡା ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

ଶିଶୁ ଯତ୍ନ ପ୍ରତିଷ୍ଠାନର ଅନ୍ତେବାସୀମାନଙ୍କର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ ନିମନ୍ତେ ମହକ ଓ ଉତ୍ସାହ ଏକ ପ୍ରକୃଷ୍ଟ ମଂଚ ବୋଲି ଭାରତୀୟ ଧାବିକା ମିସ ଶ୍ରାବଣୀ ନନ୍ଦ ଉଲ୍ଲେଖ କରିଥିଲେ । ପରିଶ୍ରମ ହିଁ ସଫଳତାର ଚାବି କାଠି ବୋଲି କହି ସେ ପିଲାମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ । ସେହି ଭାବରେ ଧାବକ ଅନିମେଶ କୁଜୁର ଆତ୍ମବିଶ୍ୱାସ ସହ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ପିଲାମାନଙ୍କୁ ଉପଦେଶ ଦେଇଥିଲେ । କ୍ରୀଡା କ୍ଷେତ୍ରରେ ଖେଳୁଆଡ ମନୋଭାବ ଉପରେ ଜୋର ଦେଇ ୟୁନିସେଫ ଓଡ଼ିଶା ମୁଖ୍ୟ ଶ୍ରୀ ୱିଲିୟମ ହାନଲେନ ଜୁନିଅର ପିଲାମାନଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ନିଜ ସଙ୍ଗୀତର ତାଳେ ତାଳେ ପିଲାମାନଙ୍କର ମନୋରଞ୍ଜନ କରିଥିଲେ । ସୂଚନାଯୋଗ୍ୟ କି ଏହି ଉତ୍ସବରେ ୩୦ ଜିଲ୍ଲାରେ ୫୦୦ ପ୍ରତିଯୋଗୀମାନେ ୧୦୦ମିଟର ଦୌଡ, ୨୦୦ ମିଟର ଦୌଡ, କ୍ୟାରମ, ଚେସ, ରିଲେ ରେସ୍, ଫୁଟବଲ, ଲମ୍ଫଡିଆଁ, ଉଚ୍ଚ ଡିଆଁ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ୧୦୦ ମିଟର ବାଳକ ଦୌଡ ପ୍ରତିଯୋଗିତାରେ ବରିଷ୍ଠରେ କେଉଁଝରର ମୁକୁନ୍ଦ ମହାକୁଣ୍ଡ, ମୟୂରଭଞ୍ଜର ମାନସିଂ ସୋରେନ ଅନୁଗୁଳର ବିକାଶ ନାୟକ ଓ ବାଳିକା ଦୌଡ ପ୍ରତିଯୋଗିତାରେ ବରିଷ୍ଠରେ କନ୍ଧମାଳର ସୁମିତ୍ରା ଶବର, ଦେଓଗଡର ପ୍ରିୟା ମାଝୀ ଓ ସମ୍ବଲପୁରର ଜହ୍ନ ଗୌଡ ପୁରସ୍କୃତ ହୋଇଛନ୍ତି । ୨୦୦ ମିଟର ବାଳକ ଦୌଡ ପ୍ରତିଯୋଗିତାରେ କେଉଁଝରର ଗୋବିନ୍ଦ ହଂସଦା, ଯାଜପୁରର ରାମ ଜନିକ, ଭଦ୍ରକର ରଞ୍ଜିତ ମୁଣ୍ଡାରୀ ବାଳିକା ଦୌଡରେ କନ୍ଧମାଳର ସୁମିତ୍ରା ଶବର, ଦେଓଗଡ ପ୍ରିୟା ମାଝୀ, ଖୋର୍ଦ୍ଧା ଲକ୍ଷ୍ମୀ ଶବର ପୁରସ୍କୃତ ହୋଇଛନ୍ତି । ବାଳକ ଉଚ୍ଚ ଡିଆଁ ପ୍ରତିଯୋଗିତାରେ ଗଜପତିର ପର୍ଶୁରାମ ରାଇତା, ଯାଜପୁରର ମାନସିଂ ହାଇବୁରୁ, ମାଲକାନଗିରିର ମୁନା କବସି ଓ ବାଳିକା ପ୍ରତିଯୋଗିତାରେ ମୟୂରଭଞ୍ଜର ତୁଳସୀ ମାରାଣ୍ଡି, କନ୍ଧମାଳର ରୁନୁ ବଳ ସିଂ ରାୟ, ବାଲେଶ୍ୱରର ପୂଜାରିଣୀ ଗିରି, ବଲାଙ୍ଗୀରର ହେମଲତା ଭୋଇ ଓ କଳାହାଣ୍ଡିର ପୂଜା ମାଝୀ ପୁରସ୍କୃତ ହୋଇଛନ୍ତି । ବାଳକ ଲମ୍ଫ ଡିଆଁ ପ୍ରତିଯୋଗିତାରେ ମୁକୁନ୍ଦ ମହାକୁଣ୍ଡ, ଗଜପତିର ପର୍ଶୁରାମ ରାଇତା, ବାଲେଶ୍ୱରର ଶମ୍ଭୁ ହୂ ଓ ବାଳିକା ପ୍ରତିଯୋଗୀତରେ କେଉଁଝରର ସୁଶିଲା ମୁଣ୍ଡା, ବାଲେଶ୍ୱରର ମିଲି ସିଂ ଓ ସୁବର୍ଣ୍ଣପୁରର ଜହ୍ନ ଗୌଡ ପୁରସ୍କୃତ ହୋଇଛନ୍ତି । ବାଳକ ଚେସ ପ୍ରତିଯୋଗିତାରେ ଅନୁଗୁଳର ଶକ୍ତି ଚାମ୍ପିଆ ଢେଙ୍କାନାଳର ରାଇମୋହନ ପୂର୍ତ୍ତି, କୋରାପୁଟର ଚିଂଟୁ କାରିଙ୍ଗି ବାଳିକା ପ୍ରତିଯୋଗିତାରେ ନବରଙ୍ଗପୁରର ରୀତିକା ସୁନା, ବାଲେଶ୍ୱରର ବାସନ୍ତୀ ହଂସଦା ଓ ମାଲକାନଗିରି ପ୍ରିୟା ବିଶ୍ୱାସ ପୁରସ୍କୃତ ହୋଇଛନ୍ତି । ବାଳକ କ୍ୟାରେମ ପ୍ରତିଯୋଗିତାରେ ଦେଓଗଡର ଶକ୍ତି ହେମ୍ବ୍ରମ, ଝାରସୁଗୁଡାର ଅରବିନ୍ଦ ସୋନି ଓ ଅନୁଗୁଳର ବାବୁଶାନ ପ୍ରଧାନ ଏବଂ ବାଳିକା ପ୍ରତିଯୋଗିତାରେ ଗଞ୍ଜାମର ଅର୍ଚ୍ଚିତା ପ୍ରଧାନ, ବାଲେଶ୍ୱରର ଅସ୍ମାନି ସିଂ, ବୌଦ୍ଧର ସୁଜ୍ଞାନୀ ନାୟକ ପୁରସ୍କୃତ ହୋଇଛନ୍ତି । ରିଲେ ରେସ୍ ବାଳକରେ କେଉଁଝର, ଭଦ୍ରକ ଓ ବାଲେଶ୍ୱର ଓ ବାଳିକାରେ କନ୍ଧମାଳ, ଭଦ୍ରକ ଓ ନବରଙ୍ଗପୁର ପୁରସ୍କୃତ ହୋଇଛନ୍ତି । ରୋମାଂଚକର ବାଳକ ଫୁଟବଲ ଖେଳରେ ଚାମ୍ପିୟନ ହେଲେ ଭଦ୍ରକ ଓ ରନର ଅପ୍ ହେଇଛନ୍ତି ସମ୍ବଲପୁର । ବାଳିକା ଫୁଟବଲ ଖେଳରେ କଳାହାଣ୍ଡି ଚାମ୍ପିୟନ ଓ କନ୍ଧମାଳ ରନର ଅପ ଭାବେ ପୁରସ୍କୃତ ହୋଇଛନ୍ତି । ସମଗ୍ର ରାଜ୍ୟରେ କନ୍ଧମାଳ ରନର ଅପ୍ ଜିଲ୍ଲା ଭାବେ ଓ କେଉଁଝର ଚାମ୍ପିୟନ ଜିଲ୍ଲା ଭାବେ ପୁରସ୍କୃତ ହୋଇଛନ୍ତି । ଶିଶୁ ଯତ୍ନ ଅନୁଷ୍ଠାନରୁ ପାଠ ପଢି ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରମାଣିତ କରିପାରିଥିବା ଜଗତସିଂହପୁରର ସାବିତ୍ରୀ ପ୍ରଧାନ, ନବରଙ୍ଗପୁରର କଳ୍ପନା ମଣ୍ଡିଗି, କଟକର ଜୟନ୍ତ ଭୋଇ ଓ କଟକର ରଜ ଡିଗି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅତିରିକ୍ତ ନିର୍ଦ୍ଦେଶକ ତଥା ବିଭାଗୀୟ ଅତିରିକ୍ତ ସଚିବ ଶ୍ରୀ ସମ୍ବିତ ନାୟକ ପରିଚାଳନା କରିଥିଲେ ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରବନ୍ଧକ ଶ୍ରୀ ପ୍ରୀତିକାନ୍ତ ପଣ୍ଡା ସଂଯୋଜନା କରିଥିଲେ ।

## ବିକଟାଳ ଶବ୍ଦ କରୁଥିବା ୫ଟି ବୁଲେଟ ଜବତ

ଜୟପୁର, ୦୧/୧୨ (ନି.ପ୍ର): ଜୟପୁର ସହରରେ ବୁଲେଟର ସାଇଲେନ୍ସରକୁ ବଦଳାଇ ବିକଟାଳ ଶବ୍ଦ ସୃଷ୍ଟି କରି ଲୋକଙ୍କୁ ହରଣା କରୁଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ସହରର ମୁଖ୍ୟରାସ୍ତାରେ ଆଜି ଚଢାଉ କରି ୫ଟି ବୁଲେଟ ଜବତ କରି ଜୋରିମାନା ଆଦାୟ କରିଛି। ବୁଲେଟ ମାଲିକ ମାନେ ୧୦ହଜାର ଟଙ୍କା ଜୋରିମାନା ଦେବା ସହ କମ୍ପାନି ଦେଇଥିବା ସାଇଲେନ୍ସର ଲଗାଇ ପୁଣି ବୁଲେଟ ନେଇଛନ୍ତି । ବିକଟାଳ ଶବ୍ଦ କରୁଥିବା ୫ଟି ସାଇଲେନ୍ସର ଜବତ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୨୦ ବର୍ଷ କାରାଦଣ୍ଡ

ସମ୍ବଲପୁର, ୦୧/୧୨ (ନି.ପ୍ର): ନାବାଳିକାଙ୍କୁ ବ୍ୟଭିଚାର ଓ ଅର୍ନ୍ତସତ୍ୱା କରିବା ଅଭିଯୋଗରେ ପୋକ୍ସୋ ସ୍ୱତନ୍ତ୍ର ଜର୍ଜ ତଥା ଅତିରିକ୍ତି ଜିଲ୍ଲା ଜର୍ଜ ଅଭିଲାଶ ସେନାପତି ଏକ ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି ଆଜି ଏହି ରାୟ ଶୁଣାଇଛନ୍ତି । ଏଥିରେ ଅଭିଯୁକ୍ତ ଦିନବନ୍ଧୁ ଦେହୁରୀ(୬୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଏହା ସହ ଆଇପିସି ଅନୁଯାୟୀ ୭ ବର୍ଷ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି । ମାମଲା ବିଚାର ସମୟରେ ୨୫ଜଣଙ୍କ ସାକ୍ଷ୍ୟ ବୟାନ ନିଆଯାଇଥିଲା । ପ୍ରକାଶ ଯେ, ଜିଲ୍ଲାର କିସିଣ୍ଡା ଥାନା ଅନ୍ତର୍ଗତ ଜଣେ ୧୫ ବର୍ଷିୟା ନାବାଳିକା ପେଟରେ ଯନ୍ତ୍ରଣା ହେବାରୁ ତାଙ୍କ ବାପା ବୁର୍ଲା ମେଡିକାଲକୁ ନେଇଥିଲେ । ନାବାଳିକା ଜଣକ ଅର୍ନ୍ତସତ୍ୱା ଥିଲେ ଓ ସେହି ଦିନ ଅର୍ଥାତ୍ ୨୨ ଜୁଲାଇ, ୨୦୨୩ରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ପୀଡିତା ଜଣକ ଘରକୁ ଫେରିବା ପରେ ମାଆଙ୍କ ନିକଟରେ ଘଟଣା ସମ୍ପର୍କରେ କହିଥିଲେ । ୯ ମାସ ପୂର୍ବରୁ ସେ ଛେଳି ଚଳାଇବାକୁ ପାଖ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ଜଣକ ଉକ୍ତ ନାବାଳିକା ସହ ବଳପୂର୍ବକ ସମ୍ପର୍କ ରଖି ଘଟଣା ପ୍ରଘଟ ନକରିବାକୁ ଧମକ ଦେଇଥିଲା । ଏହା ଜଣାପଡିବା ପରେ ପୀଡିତାଙ୍କ ବାପା କିସିଣ୍ଡା ଥାନାରେ ଏତଲା ଦେଇଥିଲେ ।

# ସରକାରୀ ଟଙ୍କା ଆତ୍ମସାତ ମାମଲା: ବିଷମକଟକ କନିଷ୍ଠ ରାଜସ୍ୱ ସହାୟକ କୋର୍ଟ ଚାଲାଣ

ଜୟପୁର, ୦୧/୧୨ (ନି.ପ୍ର): ସରକାରୀ ଟଙ୍କା ଆତ୍ମସାତ ମାମଲାରେ ଗିରଫ ହୋଇଥିବା ବିଷମକଟକ କନିଷ୍ଠ ରାଜସ୍ୱ ସହାୟକ ବନ ମାଳି କରଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଜୟପୁର ଭିଜିଲାନ୍ସ ଅଫିସରେ ଏସପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି । ରାୟଗଡା ଜିଲା ବିଷୟକଟକ ସବ ରେଜିଷ୍ଟାର ଅଫିସର କନିଷ୍ଠ ରାଜସ୍ୱ ସହାୟକ ବନମାଳି କର କୁ ଶୁକ୍ରବାର ଗିରଫ କରିଛି । ତାଙ୍କ ବିରୋଦ୍ଧରେ ୧ କୋଟି ୪୦ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ଜୟପୁର ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା । ଭିଜିଲାନ୍ସକୁ ଚମକା ଦେଉଥିବା ବେଳେ ଶୁକ୍ରବାର ଗିରଫ କରିଛି । ସରକାରୀ ଅର୍ଥ ଆତ୍ମସାଲ କରିଥିବା ଅଭିଯୋଗ ହୋଇଥିଲା । ରେଜିଷ୍ଟେସନ ଫି, ୟୁଜର ଫି, ଆଦାୟ ହୋଇଥିବା ସରକାରୀ ରାଜସ୍ୱ ବାବଦ ରେ ସେ ୧ କୋଟି ୪୦ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲେ । ଏହା ପରେ ତାଙ୍କ ବିରୋଦ୍ଧରେ ୨୦୨୨ ମେ ୬ ତାରିଖରେ ମାମଲା ରୁଜୁ ହୋଇଥିଲା । ଏହା ସୂଚନା ପାଇ ଫେରାର ହୋଇଯାଇଥିଲେ ।

# ରାଜ୍ୟସ୍ତରୀୟ ଇଜ୍‌ତମା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୧/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଚଉଦକୁଲାଟ ଠାରେ ରାଜ୍ୟସ୍ତରୀୟ ଇଜ୍‌ତମା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଡେପୁଟି କଲେକ୍ଟର ଡ଼. ପଲ୍ଲବୀ ପ୍ରିୟଦର୍ଶିନୀ, ତହସିଲଦାର ତାପସ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ବିକେ ନାୟକ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ର ରତୀକାନ୍ତ ବେହେରା, ଏସ୍‌ଡିଓ ଆଜାମୁଦ୍ଦିନ ଖାନ, ଅଗ୍ନିଶମ ଅଧିକାରୀ ଅମରୁନ ଗୌରବ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ଇଜ୍‌ତମା କମିଟିର ସଭାପତି ମହମ୍ମଦ ଅବତାଭ ଆଲାମ, ନାରାୟଣ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଫେବୃଆରୀ ମାସ ୭, ୮, ୯ ତିନି ଦିନ ଧରି ଇଜ୍‌ତମା ଅନୁଷ୍ଠିତ ହେବ। ଏଥିପାଇଁ ଚନ୍ଦନପୁର ଅଂଚଳରେ ଥିବା ପ୍ରାୟ ୧୦୦ ଏକର ଚାଷ ଜମିର ମାଲିକମାନଙ୍କ ଠାରୁ ଅନୁମତି ନିଆଯାଇଛି। ଏନେଇ ଶନିବାର ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରମୁଖ ଉପସ୍ଥିତ ରହି ଇଜ୍‌ତମା ପଡ଼ିଆରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ଓ ଯାତାୟତ ରାସ୍ତା ଏବଂ ଗାଡ଼ି ପାର୍କିଂ ପାଇଁ ସ୍ଥାନ, ଟ୍ରାଫିକ ସମସ୍ୟା, ମୋବାଇଲ ଆମ୍ବୁଲାନ୍ସ, ଇଜ୍‌ତମା ଅଂଚଳକୁ ଅସ୍ଥାୟୀ ପାଣି ସଂଯୋଗ, ଅଗ୍ନି ସୁରକ୍ଷା, ୫ ଦିନ ମଦ ଦୋକାନ ବନ୍ଦ କରିବା ପ୍ରଭୃତି ସଂପର୍କରେ ଆଲୋଚନା କରାଯାଇଛି। ଜିଲ୍ଲାପାଳ ଓ ବିଧାୟକ ଏଗୁଡ଼ିକୁ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ରାଜ୍ୟର ୩୦ଟି ଜିଲ୍ଲାରୁ ଏହି ଧର୍ମ ସଭାରେ ଯୋଗ ଦେବାକୁ ଅସିବାକୁ ଥିବା ଭକ୍ତମାନଙ୍କର କୌଣସି ପ୍ରକାର ଅସୁବିଧା ନହୁଏ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲେଚନା କରାଯାଇ ଥିଲା। ଉକ୍ତ ଏହି ପ୍ରସ୍ତୁତି ବୈଠକରେ ଇଜ୍‌ତମା କମିଟିର ସଭାପତି ଆଫତାବ ଆଲାମଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ବିଧାୟକ ଶ୍ରୀ ବେହେରା ଓ ଜିଲ୍ଲପାଳ ଶ୍ରୀ ପ୍ରଧାନ ଇଜ୍‌ତମାରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାପାଇଁ ପ୍ରତିଶୃତି ଦେଇଛନ୍ତି।

# ପିଲାମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶକୁ ରୋକୁଛି ମୋବାଇଲ, ଲାପଟପ!

ଯାହା ଘରେ ଛୋଟ ଛୁଆ ଥିବେ ଯାଇ ପଚାରନ୍ତୁ, କହିବେ ମୋବାଇଲ ନ ହେଲା ବେଳକୁ ଛୁଆ ଖାଉନି। ପିଲାମାନଙ୍କର ଏ ନିଶା କେବଳ ବାପାମାଆଙ୍କୁ ନୁହେଁ, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ମଧ୍ୟ ଚିନ୍ତାରେ ପକାଇଛି। କାରଣ ଯେଉଁପରି ଭାବେ ମୋବାଇଲ, ଲାପଟପ୍, କମ୍ପ୍ୟୁଟର ବ୍ୟବହାର ପିଲାମାନଙ୍କର ନିଶା ପାଲଟି ଗଲାଣି, ତାହା ଆଗାମୀ ଦିନରେ ସାମୁହିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଶଙ୍କା ସୃଷ୍ଟି କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ।

ଭାରତୀୟ ପିଲାମାନଙ୍କ ଉପରେ ଏହାର କିପରି କୁପ୍ରଭାବ ପଡୁଛି ଏବଂ ଏକାଧିକ ରୋଗର କାରଣ ପାଲଟୁଛି, ସେନେଇ ଏକ ରିପୋର୍ଟ ପ୍ରକାଶ କରିଛନ୍ତି ସ୍ନାୟୁବିଜ୍ଞାନୀ ଡାକ୍ତର ଡ. ଏରିକ ସିଗମାନ। ଏହି ରିପୋର୍ଟ ଜର୍ଣ୍ଣାଲ୍ ଅଫ୍ ଦ ଇଣ୍ଟରନ୍ୟାସନାଲ ଚାଇଲ୍ଡ ନ୍ୟୁରୋଲୋଜି ଆସୋସିଏସନ ପତ୍ରିକାରେ ପ୍ରକାଶ ପାଇଛି।

*ମୋବାଇଲ ବ୍ୟବହାର କରିପାରେ ମସ୍ତିଷ୍କ ବେମାର*

ଅଧିକ ସମୟ ପରଦାରେ ବିତାଇବା ବା ମୋବାଇଲ, ଲାପଟପ୍ ଏବଂ କମ୍ପ୍ୟୁଟର ଦେଖିବା କାରଣରୁ ପିଲମାନଙ୍କର ମସ୍ତିଷ୍କରେ ପରିବର୍ତ୍ତନ ହୋଇପାରେ। ଏହା ସେମାନଙ୍କର ସ୍ନାୟୁ ବିକାଶରେ ବାଧା ସୃଷ୍ଟି





କରିଥାଏ ଏବଂ ସେମାନେ ମୋବାଇଲ ପ୍ରତି ଅଧିକ ଆକର୍ଷିତ ହୁଅନ୍ତି।

କେବଳ ଏତିକି ନୁହେଁ, ବହୁ ସମୟ ଧରି ମୋବାଇଲ, ଲାପଟପରେ ସମୟ ଅତିବାହିତ କରିବା କାରଣରୁ ମେଦବହୁଳତା ହୋଇପାରେ। ଆଉ ଏହି ମେଦବହୁଳତା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ।

*ଶାରୀରିକ ବିକାଶରେ ବାଧକ*

ଫୋନ୍, ଲାପଟପ୍ କେବଳ ଯେ ମସ୍ତିଷ୍କ ଉପରେ ପ୍ରଭାବ ପକାଉଛି ତାହା ନୁହେଁ, ଏହା ଶାରୀରିକ ବିକାଶରେ ମଧ୍ୟ ବାଧା ସୃଷ୍ଟି କରୁଛି। ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟ ଅନୁସାରେ, ପରଦାରେ ଅଧିକ ସମୟ ବିତାଇବା ଦ୍ୱାରା ୫ ବର୍ଷରୁ କମ୍ ପିଲାମାନଙ୍କର ଶାରୀରିକ ବିକାଶ ବିଳମ୍ବ ହେଉଛି। ସେହିପରି ୨ ବର୍ଷରୁ କମ୍ ପିଲାମାନ କହିବା ଏବଂ ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାରେ ଅକ୍ଷମ ହେଉଛନ୍ତି।

ଚାଇଲ୍ଡ ସାଇକୋଲୋଜିଷ୍ଟ ଡ. ସ୍ୱାତୀ ଛାବ୍ରା କହିଛନ୍ତି, ପିଲମାନଙ୍କର ଶାରୀରିକ ଓ ବୌଧିକ ବିକାଶ ସମସ୍ୟା ସହ ମୋବାଇଲ, ଲାପଟପ ବ୍ୟବହାର ସିଧାସଳଖ ଜଡ଼ିତ ହୋଇନଥିଲେ ମଧ୍ୟ ଏହି କାରଣରୁ ସେମାନଙ୍କ ସ୍ନାୟୁ ବିକାଶ ବାଧାପ୍ରାପ୍ତ ହେଉଛି। ଫଳରେ ୩ ବର୍ଷରୁ କମ୍ ପିଲାମାନେ ଫୋନରୁ ଯାହା ଦେଖନ୍ତି, ତାହା ଅନୁକରଣ କରନ୍ତି।

*ଆଖି ସମ୍ବନ୍ଧୀୟ ରୋଗ*

ଡ. ଛାବ୍ରା ଆହୁରି କହିଛନ୍ତି ଯେ, ୭ରୁ ୮ ବର୍ଷ ବୟସର ଅନେକ ପିଲା, ଯେଉଁମାନେ ଆଖିଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଏହାର କାରଣ ମୋବାଇଲର ବହୁଳ ବ୍ୟବହାର ହୋଇପାରେ। ବିଏମସି ପବ୍ଲିକ ହେଲଥରେ ପ୍ରକାଶିତ ଅନ୍ୟ ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଯେଉଁ ପିଲାମାନେ ପରଦାରେ ଅଧିକ ସମୟ ବିତାଉଥିଲେ, ସେମାନଙ୍କର ମାୟୋପିୟା (ସମୀପ ଦୃଷ୍ଟିଦୋଷ) ହେବାର ଆଶଙ୍କା ଅଧିକ। ଏହା ଅଧିକ ହେଲେ ଗ୍ଲୁକୋମା ଏବଂ ମାକୁଲାର ଡିଜେନେରେସନ ପରି ଜଟିଳତା କରିପାରେ। ଏପରି ହେଲେ ପିଲାମାନଙ୍କର ବୌଦ୍ଧିକ ବିକାଶ ପ୍ରଭାବିତ ହୋଇପାରେ।

ଏହା ବ୍ୟତୀତ ପରଦାରେ ଅଧିକ ସମୟ ବିତାଇବା ଦ୍ୱାରା ପିଲାମାନଙ୍କର ପର୍ସନାଲିଟି (ବ୍ୟକ୍ତିତ୍ୱ) ଏବଂ ମାନସିକ ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ଅଧିକ ସମୟ ମୋବାଇଲ, ଲାପଟପ ଦେଖିବା ଦ୍ୱାରା ପିଲାମାନେ ପର୍ଯ୍ୟାପ୍ତ ଶୋଇପାରନ୍ତି ନାହିଁ। ରାତିରେ ପରଦାରୁ ନିର୍ଗତ ଗ୍ରୀନ୍ ଲାଇଟ୍ ଡୋପାମାଇନ୍ ନାମକ ଏକ ଉପକାରୀ ହରମୋନ ଉପରେ ପ୍ରଭାବ ପକାଇପାରେ।

ଏହି ହରମୋନର ଅସନ୍ତୁଳନ ଘଟିବା ଦ୍ୱାରା ପିଲାମାନଙ୍କର ସ୍ମୃତି ଓ ଏକାଗ୍ରତାର ଚେତନା ହ୍ରାସ ପାଇପାରେ। ପାଠ ମନେ ରଖିବା ଏବଂ ଏକାଗ୍ରତା ଭଳି ବ୍ୟକ୍ତିତ୍ୱ (ପର୍ସନାଲିଟି) ଗୁଣ ପ୍ରଭାବିତ ହୋଇପାରେ।

ତେବେ ଭାରତର ପିଲାମାନେ ମୋବାଇଲ, ଲାପଟପ ନିଶାରେ ପଡ଼ି ନାନା ରୋଗକୁ ନିମନ୍ତ୍ରଣ କରୁଥିବା ବେଳେ ବୟସ୍କମାନେ ହୃଦରୋଗ ଏବଂ ଟାଇପ୍-୨ ଡାଇବେଟିସ ସହ ଅନ୍ୟାନ୍ୟ ସଂକ୍ରାମକ ରୋଗରେ କବଳିତ। ଏହା ନିଶ୍ଚିତ ରୂପେ ସତର୍କ ଘଣ୍ଟି। ଜନ୍ମରୁ ଯଦି ପିଲାମାନଙ୍କ ଉପରେ ଧ୍ୟାନ ଦିଆନଯାଏ, ତେବେ ଅସ୍ୱାସ୍ଥ୍ୟକର ଜୀବନ ସହ ବଞ୍ଚିବା ଥୟ!



# ଘରେ ବନାନ୍ତୁ ସୁଆଦିଆ ଚିଙ୍ଗୁଡ଼ି ପତ୍ର ପୋଡ଼ା



ଆବଶ୍ୟକ ସାମଗ୍ରୀ: ଚିଙ୍ଗୁଡ଼ି, କଟା କଞ୍ଚା ଲଙ୍କା, କଟା ପିଆଜ, ସୋରିଷ ବଟା, କଦଳୀ ପତ୍ର, ଲେମ୍ବୁ ରସ, ଲୁଣ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଦଳୀ ପତ୍ରକୁ ଭଲ ଭାବେ ଧୋଇ ଶୁଖାଇ ଦିଅନ୍ତୁ। ପରେ ବଜାରରୁ ଆଣିଥିବା ଚିଙ୍ଗୁଡ଼ିକୁ ଭଲ ଭାବରେ ଧୋଇ ଦିଅନ୍ତୁ। ଏଥିରେ ତେଲ, କଟା ପିଆଜ, ସୋରିଷ ବଟା, କଟା ପିଆଜ, ଲେମ୍ବୁ ରସ ଓ କଞ୍ଚା ଲଙ୍କା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ କଦଳୀ ପତ୍ରରେ ରଖନ୍ତୁ ଓ ପତ୍ରକୁ ମୋଡ଼ି ସୂତାରେ ବାନ୍ଧିଦିଅନ୍ତୁ। ତା'ପରେ ଏହାକୁ ଚୁଲି ଭିତରେ ରଖନ୍ତୁ (ମନେ ରଖିବେ ଚୁଲିରେ ମଧ୍ୟମ ଆଞ୍ଚ ରହିବ)। ପୋଡ଼ିବା ବାସ୍ନା ଆସିଲେ ଏହାକୁ ଓଲଟାଇ ଦିଅନ୍ତୁ। ଉଭୟ ପାର୍ଶ୍ୱ ଭଲ ଭାବେ ସିଝିବା ଲାଗି ୧୦ରୁ ୧୫ ମିନିଟ୍ ସମୟ ଲାଗିବ। ଏହା ପରେ ଏହାକୁ ଚୁଲିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ସୁଆଦିଆ ଚିଙ୍ଗୁଡ଼ି ପତ୍ର ପୋଡ଼ା। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।

# ଅନ୍ୟ ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର ଗାଈଘିଅ, ରଖେ ନିରୋଗ ଓ ଦୀର୍ଘାୟୁ

ଆମ ସଂସ୍କୃତିରେ ଗୋଘୃତ ବା ଗାଈଘିଅର ଏକ ବିଶେଷ ଭୂମିକା ରହିଛି। ପୂଜା, ହୋମ ଆଦି ମାଙ୍ଗଳିକ କାର୍ଯ୍ୟରେ ଏହାର ବ୍ୟବହାର ସମ୍ବନ୍ଧରେ ଆମ୍ଭେମାନେ ଅଳ୍ପେ ବହୁତେ ଅବଗତ। ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ଦୃଷ୍ଟିରୁ ମଧ୍ୟ ଏହାର ବିଶେଷ ଭୂମିକା ରହିଛି। ଆୟୁର୍ବେଦ ମତରେ, ଗୋଘୃତ ହେଉଛି ସମସ୍ତ ପ୍ରକାରର ସ୍ନେହ ବା ଚର୍ବିଜାତୀୟ ଖାଦ୍ୟ ମଧ୍ୟରେ ଶ୍ରେଷ୍ଠ। ଏଥିରେ ଅଧିକ ପରିମାଣରେ ପରିପୃକ୍ତ ସ୍ନେହସାର ବା ଚର୍ବି ରହିଥିଲେ ମଧ୍ୟ, ଏଥିରେ ଥିବା ବସା ଅମ୍ଳ ବା 'ଫ୍ୟାଟି ଏସିଡ୍'ର ସ୍ୱଳ୍ପ ଶୃଙ୍ଖଳ ଏବଂ ଅତ୍ୟାବଶ୍ୟକ ବସାଅମ୍ଳ ବା 'ଏସେନ୍‌ସିଆଲ ଫ୍ୟାଟି ଏସିଡ୍'ର ଉପସ୍ଥିତି ଯୋଗୁଁ, ଏହା ଅନ୍ୟାନ୍ୟ ସ୍ନେହସାର ବା ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର। ସେଥିପାଇଁ, ଅତି ପ୍ରାଚୀନକାଳରୁ,



ସ୍ୱାସ୍ଥ୍ୟରକ୍ଷାକୁ ଲକ୍ଷ୍ୟରେ ରଖି ଆମ ଦୈନନ୍ଦିନ ଆହାରରେ ଗୋଘୃତର ପ୍ରୟୋଗ କରାଯାଇଛି।

ଆୟୁର୍ବେଦ ମତରେ, ଗୋଘୃତ ନିତ୍ୟ ସେବନ କରିବା ଦ୍ୱାରା ଆମର ଧାରଣଶକ୍ତି, ସ୍ମୃତିଶକ୍ତି, ମେଧା, ଅଗ୍ନି, ବଳ, ଓଜନ ଓ ଆୟୁ ବୃଦ୍ଧି ହୋଇଥାଏ। ଏହା ଆମର ଶୁକ୍ରଧାତୁ, ସ୍ୱର ତଥା ନେତ୍ର ପାଇଁ ହିତକାରୀ। ଏହା ବାତ ଓ ପିତ୍ତର ବିକାର, ଉନ୍ମାଦ, ଅପସ୍ମାର ଓ ଜ୍ୱର ଜନିତ ପ୍ରଦାହକୁ ମଧ୍ୟ ନଷ୍ଟ କରିଥାଏ। ଶରୀରର ଓଜ ଓ ତେଜ ଏହାଦ୍ୱାରା ବୃଦ୍ଧି ହୋଇଥାଏ। ମୁଖଗହ୍ୱରରେ ଘା' ହେଲେ ଏବଂ ଶୀତ ଋତୁରେ ଓଠ ଓ ପାଦତଳ ଫାଟିଲେ, ଗୋଘୃତ ଲଗାଇବା ଦ୍ୱାରା ଉପଶମ ମିଳିଥାଏ। ନିୟମିତ ଗୋଦୁଗ୍ଧ ଓ ଗୋଘୃତକୁ ଏକତ୍ର ସେବନ କଲେ ଏହା ବାର୍ଦ୍ଧକ୍ୟକୁ ବିଳମ୍ବିତ କରିଥାଏ।

ଗୋଘୃତ ସାଧାରଣତଃ ପ୍ରାତଃଭୋଜନ ପୂର୍ବରୁ କିମ୍ବା ପ୍ରାତଃଭୋଜନ ସହିତ ସେବନୀୟ। ଏହାର ମାତ୍ରା- ଅଗ୍ନିର ବଳ ତଥା କୋଷ୍ଠ ଅନୁଯାୟୀ ନିର୍ଦ୍ଧାରିତ ହୋଇଥାଏ। ତେବେ ଏହାକୁ ଆମେ ସାଧାରଣତଃ ଅଧଚାମଚ ମାତ୍ରାରେ ସେବନ କରିପାରିବା। ଗୋଘୃତ ସେବନ ପରେ ଉଷୁମପାଣି ପିଇବା ବିଧେୟ। ତେବେ କେତେକ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ଏହାର ସେବନ ଅନୁଚିତ। ଏହି ସ୍ୱାସ୍ଥ୍ୟ ସମସ୍ୟା ହେଉଛି- ଉଚ୍ଚ କୋଲେଷ୍ଟରଲ, ଯକୃତ ସମ୍ବନ୍ଧୀୟ ରୋଗ, ଅଜୀର୍ଣ୍ଣ, ଜ୍ୱର, ଝାଡ଼ା ଇତ୍ୟାଦି। ଉଚିତ ମାତ୍ରାରେ ଏବଂ ବିଧିପୂର୍ବକ ଗୋଘୃତ ସେବନ ମନୁଷ୍ୟକୁ ନିରୋଗ ରଖିବା ସହିତ ଦୀର୍ଘାୟୁ କରିଥାଏ।

# ଆପଣାନ୍ତୁ ଏହିସବୁ ଖାଦ୍ୟ: ରହିବନି ଲିଭରରେ ତ୍ରୁଟି

**ଶରୀରକୁ ସୁସ୍ଥ ରଖିବା ପାଇଁ ଲିଭର ବା ଯକୃତ ସୁସ୍ଥ ରହିବା ନିହାତି ଜରୁରୀ, କାରଣ ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ବୈର୍ଜ୍ୟ ପଦାର୍ଥ ନିଷ୍କାସନ କରି ସୁସ୍ୱାସ୍ଥ୍ୟ ବଜାୟ ରଖିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ଯକୃତ ଶରୀରରେ ଭିଟାମିନ୍, କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ସଂରକ୍ଷଣ ଭାବରେ କାମ କରେ।**





ଗାଜର: ଯକୃତକୁ ସୁସ୍ଥ ରଖିବା ପାଇଁ ଗାଜର ବେଶ୍ ଉପକାରୀ। ଏଥିରେ ପ୍ରଚୁର ପରିମାଣରେ ବିଟା କାରୋଟିନ୍, ଭିଟାମିନ୍-ଏ, ଭିଟାମିନ୍-ସି, ଆଇରନ୍ ଏବଂ ମ୍ୟାଗ୍ନେସିୟମ୍ ଥାଏ। ଏହା ବ୍ୟତୀତ ଏଥିରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ମିଳିଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

ଅଞ୍ଜୀର: ଯକୃତ ସ୍ୱାସ୍ଥ୍ୟ ପାଇଁ ଅଞ୍ଜୀର ସର୍ବୋତ୍ତମ ଉପାଦେୟ। ଏଥିରେ କ୍ୟାଲସିୟମ୍, ଆଇରନ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବର ମିଳିଥାଏ। ନିୟମିତ ଭାବେ ଅଞ୍ଜୀର ସେବନ କଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୃଢ ହୋଇଥାଏ।

ଅଙ୍ଗୁର: ଯକୃତ ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍-ସି ଅତ୍ୟନ୍ତ ଜରୁରୀ। ଅଙ୍ଗୁରରୁ ଭିଟାମିନ୍-ସି ପ୍ରଚୁର ପରିମାଣରେ ମିଳିଥାଏ।

ତରଭୁଜ: ଯକୃତକୁ ସୁସ୍ଥ ରଖିବା ପାଇଁ ତରଭୁଜ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କାରଣ ତରଭୁଜ ଯକୃତକୁ ଡିଟକ୍ସିଫାଏ କରିଥାଏ ଏବଂ ତରଭୁଜ ଖାଇବା ଦ୍ୱାରା ଶରୀର ହାଇଡ୍ରେଟ୍ ରହିଥାଏ।

ରସୁଣ: ରସୁଣ ଯକୃତ ପାଇଁ ବେଶ୍ ଲାଭଦାୟକ। ସକାଳେ ଖାଲି ପେଟରେ ରସୁଣ ଖାଇ ପାରିବେ। ଏହାକୁ ଖାଇବା ଦ୍ୱାରା ଶରୀରରୁ ବୈର୍ଜ୍ୟ ପଦାର୍ଥ ନିଷ୍କାସିତ ହୋଇଥାଏ। ଏହା ବ୍ୟତୀତ ରସୁଣକୁ ନିୟମିତ ଖାଇବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଇଥାଏ।

# ସାବଧାନ: ଏହି ସବୁ ଲକ୍ଷଣକୁ କରନ୍ତୁନି ଅବହେଳା, ହୋଇପାରେ ରକ୍ତହୀନତା

ଆମ ଖାଦ୍ୟପେୟ ବିଭିନ୍ନ ରୋଗର କାରଣ ପାଲଟୁଛି। ଅତ୍ୟଧିକ ଫାଷ୍ଟ ଫୁଡ୍ ସେବନ ଏବଂ ଶବୁଜ ପନିପରିବାଠୁ ଦୂରେଇ ରହିବା କାରଣରୁ ଅନେକ ପ୍ରକାର ରୋଗ ହେଉଛି। ସେଥିମଧ୍ୟରୁ ଏନିମିଆ ବା ରକ୍ତହୀନତା ଅନ୍ୟତମ। ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ଦେଖାଯାଏ। ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ଭାରତରେ ୧୫ରୁ ୪୯ ବର୍ଷ ବୟସର ପ୍ରାୟ ୫୩.୧ ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହେଉଛନ୍ତି। ଗର୍ଭବତୀ ମହିଳାମାନେ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶରୀରରେ ହିମୋଗ୍ଲୋବିନ ସ୍ତର ହ୍ରାସ ପାଇଲେ ଏହି ରୋଗ ହୋଇଥାଏ। ଯଦି ସଠିକ୍ ସମୟରେ ଚିକିତ୍ସା କରାନଯାଏ, ତେବେ ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ପ୍ରାରମ୍ଭରୁ ରକ୍ତହୀନତାକୁ ଚିହ୍ନଟ କରିବେ କିପରି, ଜାଣନ୍ତୁ...

ଅଧିକ ଦୁର୍ବଳ ଲାଗିବା: ଯଦି କୌଣସି କାର୍ଯ୍ୟ କରିବା ସମୟରେ ଅଧିକ ଥକ୍କା ଲାଗୁଛି, ନିୟମିତ ଭାବେ ଅସ୍ଥିର ଲାଗୁଛି କିମ୍ବା ମୁଣ୍ଡବ୍ୟଥା ହେଉଛି, ତେବେ ଏହା ଶରୀରରେ ରକ୍ତ ଅଭାବର ସଙ୍କେତ ହୋଇପାରେ। ରକ୍ତରେ ହିମୋଗ୍ଲୋବିନ ଅଭାବ ହେଲେ ଏହିପରି ଲକ୍ଷଣ ଦେଖାଦେବାର ଯଥେଷ୍ଟ ସମ୍ଭାବନା ଥାଏ। ତେଣୁ ନିୟମିତ ଭାବେ ଏପରି ସମସ୍ୟାର ସମ୍ମୁଖୀନ ହେଉଥିଲେ, ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ।

ଆଖି ତଳ ପତାରେ ଭିନ୍ନ ଲକ୍ଷଣ: ଯଦି ଆଖି ତଳ ପତା ୱାଟରଲାଇନରେ ହଳଦୀ ରଙ୍ଗ ଦେଖାଯାଉଛି, ତେବେ ଏହା ଶରୀରରେ ରକ୍ତହୀନତାର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ହୋଇପାରେ। ସାଧାରଣତଃ ୱାଟରଲାଇନର ରଙ୍ଗ ହାଲୁକା ଗୋଲାପୀ ଦେଖାଯାଏ, କିନ୍ତୁ ହିମୋଗ୍ଲୋବିନର ଅଭାବ ଥିଲେ ଭିତର ଆଖିପତା ଅଧିକ ଧଳା କିମ୍ବା ହଳଦିଆ ଦେଖାଯାଏ।

ହାତ ଏବଂ ପାଦ ଥଣ୍ଡା ହୋଇଯିବା: ସମୟ ସମୟରେ ବିନା କାରଣରେ ହାତ ଏବଂ ପାଦ ଖୁବ୍ ଜୋରରେ ଥଣ୍ଡା ଲାଗିବା ରକ୍ତହୀନତାର ଲକ୍ଷଣ। ରକ୍ତହୀନତା କାରଣରୁ ହାତ-ପାଦ ଥଣ୍ଡା ହୋଇଯାଏ। ଲୋହିତ ରକ୍ତ କଣିକା ଟିସୁରେ ଅମ୍ଳଜାନ ପହଞ୍ଚି ନପାରିଲେ, ଶରୀରର ତାପମାତ୍ରା ହ୍ରାସପାଏ। ଫଳରେ ଥଣ୍ଡା ଲାଗିଥାଏ।

ନିଶ୍ୱାସ ନେବାରେ ଅସୁବିଧା ହେବା: ରକ୍ତ ଅଭାବ କାରଣରୁ ଶରୀରକୁ ଅମ୍ଳଜାନ ସଠିକ୍ ଭାବରେ ପହଞ୍ଚିପାରେ ନାହିଁ। ଏଭଳି ପରିସ୍ଥିତିରେ ନିଶ୍ୱାସ ନେବାରେ ଅସୁବିଧା, ଅଳ୍ପ ସମୟ ଚାଲିବା ପରେ ନିଶ୍ୱାସ ନେବାରେ କଷ୍ଟ ଲାଗିବା ଏବଂ ଶୋଇବା ସମୟରେ ମଧ୍ୟ ନିଶ୍ୱାସ ନେବାରେ ସମସ୍ୟା ହେଉଥିଲେ ତୁରନ୍ତ ଡାକ୍ତରଖାନା ଯାଆନ୍ତୁ।

ଭୋକ ନଲାଗିବା: ଦୀର୍ଘ ସମୟ ଧରି ଭୋକ ନଲାଗିବା ମଧ୍ୟ ଶରୀରରେ ରକ୍ତହୀନତାର ଏକ ମୁଖ୍ୟ ଲକ୍ଷଣ ହୋଇପାରେ। ଯଦି ଉପରସ୍ତ ଲକ୍ଷଣ ମଧ୍ୟରୁ କୌଣସି ଗୋଟିଏ ସମସ୍ୟା ରହୁଛି, ତେବେ ଅବହେଳା ନ କରି ଡାକ୍ତରଙ୍କ ପରାମର୍ଶ ଗ୍ରହ କରନ୍ତୁ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସ୍ୱଚ୍ଛ ଗାଁ...

କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ। ଅର୍ଥାତ୍ ପରିମଳ ବ୍ୟବସ୍ଥାରୁ ଜାଣିହୁଏ ଗାଁ'ର ସାଂସ୍କୃତିକ ଭିତ୍ତି ଓ ସାମାଜିକ ସ୍ଥିତି। ପରିମଳର ଆକ୍ଷରିକ ଅର୍ଥ ହେଉଛି ସଫାସୁତୁରା, ଯାହା ସ୍ୱାସ୍ଥ୍ୟ ରକ୍ଷାର ମୂଳମନ୍ତ୍ର। ସେଥିପାଇଁ କୁହାଯାଏ ପରିମଳ ହିଁ ସ୍ୱାସ୍ଥ୍ୟ। ପୂର୍ବକାଳରେ ମୁନିଋଷିମାନେ ଆଶ୍ରମ ଜୀବନରେ ସ୍ୱଚ୍ଛତା ଉପରେ ଯଥେଷ୍ଟ ଧ୍ୟାନ ଦେଉଥିଲେ ଏବଂ ସେଥିପାଇଁ ସେମାନଙ୍କ ଜୀବନ ଥିଲା ନିରାମୟ। ଆଧୁନିକ ଭାରତବର୍ଷରେ ମହାତ୍ମା ଗାନ୍ଧୀଙ୍କ ଆବିର୍ଭାବ ପରେ ପୁନଃପ୍ରତୀୟମାନ ହେଲା ପରିମଳ ସଚେତନତା। ଗାନ୍ଧିଜୀଙ୍କ ଦୃଷ୍ଟିରେ ସ୍ୱଚ୍ଛତା ଥିଲା ମୁକ୍ତିର ଦ୍ୱାର। ପରମଧାମର ପ୍ରତୀକ୍ଷାଳୟ। ତେଣୁ ଯେଉଁଠି ଅଳିଆ ଆବର୍ଜନା ଦେଖୁଥିଲେ ସେ ନିଜ ହାତରେ ସଫା କରୁଥିଲେ ବିନା ଦ୍ୱିଧାରେ। ତାଙ୍କର ଏ ଅଭ୍ୟାସ ଦକ୍ଷିଣଆଫ୍ରିକାରୁ ଆରମ୍ଭ ହୋଇଥିଲା, ଯେତେବେଳେ ସ୍ୱଚ୍ଛତା ପ୍ରତି ଆଦୌ ସଚେତନ ନ ଥିଲେ ସେଠାରେ ରହୁଥିବା ଭାରତୀୟମାନେ। ତାଙ୍କୁ ଇଉରୋପୀୟମାନେ ଘୃଣା କରିବାର ଏହା ଅନ୍ୟତମ ମୁଖ୍ୟ କାରଣ। ସେମାନେ ରାସ୍ତାଘାଟରେ ମଳମୂତ୍ର ତ୍ୟାଗ କରୁଥିଲେ ଏବଂ ଅତ୍ୟନ୍ତ ଦୁର୍ଗନ୍ଧମୟ ଥିଲା ସେମାନଙ୍କ ଅଳିଆ ଆବର୍ଜନାପୂର୍ଣ୍ଣ ବସ୍ତି। ଗାନ୍ଧିଜୀ ଏହାକୁ ଏକ ସାମାଜିକ କଳଙ୍କ ବୋଲି କହୁଥିଲେ ଏବଂ ଏହି କଳଙ୍କରୁ ଭାରତୀୟମାନଙ୍କୁ ଉଦ୍ଧାର କରିବା ପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଡରବାନରେ ପ୍ଲେଗ ରୋଗ ବ୍ୟାପିଥିବା ବେଳେ ନିଜେ ଘରଘର ବୁଲି ସଫା କରିଛନ୍ତି ଅଳିଆ ଆବର୍ଜନା। ଜେଲରେ ଥିଲାବେଳେ ନିଜ ହାତରେ ବି କଏଦୀମାନଙ୍କ ପାଇଖାନା ସଫା କରିଛନ୍ତି, ଯେଉଁ ତିକ୍ତ ଅନୁଭୂତି କଥା ସେ ଲେଖିଛନ୍ତି ଆତ୍ମଜୀବନୀରେ। ଦକ୍ଷିଣଆଫ୍ରିକାରୁ ଫେରି ଗାନ୍ଧିଜୀ ସାବରମତୀରେ ଆଶ୍ରମ ପ୍ରତିଷ୍ଠା କଲେ, ଯେଉଁଠି ଆଶ୍ରମର ପାରିପାର୍ଶ୍ୱିକ ସ୍ୱଚ୍ଛତା ଓ ସମୁନ୍ନତ ପରିମଳ ବ୍ୟବସ୍ଥା ଉପରେ ସର୍ବାଧିକ ଧ୍ୟାନ ଦେଉଥିଲେ ଅନ୍ତେବାସୀ। ସଫେଇ କାର୍ଯ୍ୟରେ ଭାଗ ନେବା ଥିଲା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ। ମାଟିଖୋଳି ପୋତା ଯାଉଥିଲା ଆଶ୍ରମର ସମସ୍ତ ଅଳିଆ ଆବର୍ଜନା। ପ୍ରସିଦ୍ଧ କାଶୀବିଶ୍ୱନାଥ ମନ୍ଦିରକୁ ଯିବା ବେଳେ ରାସ୍ତାର ଦୁଇପାର୍ଶ୍ୱର ଦୁର୍ଗନ୍ଧମୟ ପରିବେଶକୁ ଦେଖି ଗାନ୍ଧିଜୀ କହିଥିଲେ, 'ରାଜନୈତିକ ସ୍ୱାଧୀନତାଠାରୁ ପରିଷ୍କାର ପରିଚ୍ଛନ୍ନତାର ମହତ୍ତ୍ୱ ଅଧିକ।' ତେଣୁ ଦେଶର ନିରାପତ୍ତା ପାଇଁ ପ୍ରତିରକ୍ଷା ବିଷୟ ଉପରେ ଯେତିକି ଗୁରୁତ୍ୱ ଦିଆଯାଉଛି, ପରିମଳ ବ୍ୟବସ୍ଥା ପ୍ରତି ମଧ୍ୟ ସେତିକି ଧ୍ୟାନ ଦେବା ଆବଶ୍ୟକ।' ଆମର ଦୁର୍ଭାଗ୍ୟ ଯେ ସ୍ୱାଧୀନ ଭାରତର ନେତାମାନେ ବହୁ ବିଳମ୍ବରେ ବୁଝିଲେ ଗାନ୍ଧିଜୀଙ୍କ କଥାର ଗୁରୁତ୍ୱ। ସେଥିପାଇଁ ଶୌଚାଳୟ ବ୍ୟବହାର କ୍ଷେତ୍ରରେ ପଛରେ ପଡ଼ିଗଲା ଦେଶ। ଅପରିଷ୍କାର ଆବର୍ଜନା ଓ କୁଢ଼ କୁଢ଼ ମଇଳାର ଦେଶ ଭାବରେ ପରିଚିତ ହେଲା ଭାରତ। ଦେଶରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ୧୯୮୬ ମସିହାରେ କାର୍ଯ୍ୟକାରୀ ହେଲା କେନ୍ଦ୍ର ପରିମଳ ଯୋଜନା। ସେତେବେଳେ ଦେଶର ଶତକଡ଼ା ଦୁଇଭାଗ ଲୋକଙ୍କ ପାଖରେ ବି ନ ଥିଲା ଶୌଚାଳୟ ସୁବିଧା। କେନ୍ଦ୍ର ପରିମଳ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ସେମିତି କିଛି ଆଖିଦୃଶିଆ ପରିବର୍ତ୍ତନ ନ ହେବାରୁ ୧୯୯୯ରେ ଆରମ୍ଭ ହେଲା ସମ୍ପୂର୍ଣ୍ଣ ପରିମଳ ଯୋଜନା। ଉପରୋକ୍ତ ଦୁଇଟି ଯୋଜନା କାର୍ଯ୍ୟକାରୀ ହେବାର ୨୫ ବର୍ଷ ପରେ ୨୦୧୧ ଜନଗଣନାରେ ଜଣାଗଲା ଦେଶର ପ୍ରାୟ ୫୦ କୋଟିରୁ ଅଧିକ ଲୋକ ମଳତ୍ୟାଗ କରୁଛନ୍ତି ରାସ୍ତାକଡ଼, ପୋଖରୀଆଡ଼ି, ନଦୀପଠା, ବୁଦା ଉହାଡ଼ ଆଦି ଖୋଲା ଜାଗାରେ। ଜାତୀୟସ୍ତରରେ ଆହୁରି ଲଜ୍ଜାଜନକ ଥିଲା ଓଡ଼ିଶାର ସ୍ଥିତି। ଏପରିକି ଅନେକ ଥିଲାବାଲା ଲୋକଙ୍କ ଘରେ ବି ନ ଥିଲା ଶୌଚାଳୟ ସୁବିଧା। ୨୦୧୧ ବେଳକୁ ଗ୍ରାମାଞ୍ଚଳରେ ବହୁମାତ୍ରାରେ ସୁଧୁରି ଥିଲା ଲୋକଙ୍କ ଆର୍ଥିକ ସ୍ଥିତି। କିନ୍ତୁ ୯୦ ପ୍ରତିଶତ ପରିବାର ପାଖରେ ନ ଥିଲା ଶୌଚାଳୟ ସୁବିଧା। ଚିରାଚରିତ ଅଭ୍ୟାସ ଓ ଅନ୍ଧବିଶ୍ୱାସର ବେଢ଼ିରୁ ମୁକୁଳି ନ ପାରିବା ହିଁ ଥିଲା ଏହାର ମୁଖ୍ୟ କାରଣ। ବାସ୍ତବରେ ଘରେ ପାଇଖାନା ନିର୍ମାଣକୁ ଅନୀତି ଓ ଅପସଂସ୍କୃତି କହି ତା'କୁ ବିରୋଧ କଲେ ଅନେକ ରକ୍ଷଣଶୀଳ ଲୋକ। ସେମାନଙ୍କ ଦୃଷ୍ଟିରେ ବୋହୂ ମଥାରୁ ଟିକେ ଓଢ଼ଣା ଖସିଗଲେ ତଳେ ପଡ଼ିଯାଏ ଘରର ମାନମହତ, କିନ୍ତୁ ସେ ଖୋଲା ପଡ଼ିଆରେ କିମ୍ବା ରାସ୍ତା କଡ଼ରେ ଝାଡ଼ା ବସିଲେ ଊଣା ପଡ଼େନି ପରିବାରର ସମ୍ମାନ। ସେମାନେ ବୁଝନ୍ତିନି ଝିଅଟିଏ ଓ ବୋହୂଟିଏ ପାଇଁ ଶୌଚାଳୟର ଆବଶ୍ୟକତା କେତେ ବେଶି। ବେଳେ ବେଳେ ଶୌଚାଳୟ ଅଭାବରୁ ସେମାନଙ୍କୁ ପ୍ରାକୃତିକ କ୍ରିୟା ସମ୍ପାଦନ ପାଇଁ ଅପେକ୍ଷା କରିବାକୁ ହୁଏ ରାତି ପର୍ଯ୍ୟନ୍ତ, ଯା'ର ପ୍ରତିକୂଳ ପ୍ରଭାବ ପଡ଼େ ସ୍ୱାସ୍ଥ୍ୟ ଉପରେ। ଜନସଂଖ୍ୟା ଦୃଷ୍ଟିରୁ ସହରଗୁଡ଼ିକରେ ସର୍ବସାଧାରଣ ଶୌଚାଳୟ ସଂଖ୍ୟା ବି ଅତି ନଗଣ୍ୟ। ବିଶେଷକରି ବସଷ୍ଟାଣ୍ଡ ଭଳି ଜନାକୀର୍ଣ୍ଣ ସ୍ଥାନରେ ଶୌଚାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଏବଂ ସଂକ୍ରମଣର ଭୟରେ ତା'କୁ ବ୍ୟବହାର ନ କରି ଲୋକ ପରିସ୍ରା କରନ୍ତି କେବିନ୍ ପଛ ବା କାହା ପାଚେରି କଡ଼ରେ। ଏଭଳି ସ୍ଥିତିରେ ସବୁଠାରୁ ଅଧିକ ଯନ୍ତ୍ରଣା ଭୋଗନ୍ତି ମହିଳା ଯାତ୍ରୀ। ଇତିମଧ୍ୟରେ ଅତିକ୍ରାନ୍ତ ହୋଇସାରିଛି ଗୋଟିଏ ଦଶନ୍ଧି। ଦଶବର୍ଷ ଭିତରେ ବିପୁଳ ଅର୍ଥ ବ୍ୟୟରେ ନିର୍ମାଣ ହୋଇଛି ଦଶକୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ଓ ଗୋଷ୍ଠୀ ଶୌଚାଳୟ। ଜନସଚେତନତା ପାଇଁ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ହେବା ସହିତ ଝାଡୁଧରି ଅଳିଆ ସଫା କରିଛନ୍ତି ପ୍ରଧାନମନ୍ତ୍ରୀ ନିଜେ। ମାତ୍ର ଖୋଲାରେ ମଳତ୍ୟାଗ ସମସ୍ୟା କେତେଦୂର ସଫଳ ହୋଇଛି ସେକଥା ବଖାଣୁଛି ଗାଁ ତୁଠ, ନଇ ଘାଟ ଓ ସହରତଳି ଅଞ୍ଚଳ। ଗାଁରେ ପ୍ରାୟତଃ ସବୁ ପରିବାର ପାଖରେ ଏବେ ଶୌଚାଳୟ ସୁବିଧା ଉପଲବ୍ଧ। କିନ୍ତୁ ଅଧିକାଂଶ ଲୋକ ଏ ଯାଏଁ ବି ବୁଝି ନାହାନ୍ତି ଏହାର ଉପଯୋଗିତା। ତେଣୁ ଶୌଚାଳୟରେ କିଏ ଜାଳକାଠ ରଖିଲାଣି କାହାର ପାଲଟିଛି ଭୁତକୋଠି।



# ଏଡସ୍ ମୁକ୍ତ ସମାଜ ଗଠନର ପ୍ରୟାସ

## ଡକ୍ଟର ଲକ୍ଷ୍ମଣ ସାହୁ

କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଲୋକଙ୍କ ପାଇଁ 'ଏଡସ୍' ଏକ ଭୟାନକ ଶବ୍ଦ । ଏଡସ୍ (ହାସଲ ହୋଇଥିବା ଇମ୍ୟୁନୋଡେଫିସିଏନ୍ସି ସିଣ୍ଡ୍ରୋମ) ଅର୍ଥ ଶରୀରରେ ରୋଗ ସହ ଲଢ଼ିବାର କ୍ଷମତା ହ୍ରାସ ହେତୁ ଅସ୍ୱାଭାବିକ ରୋଗର ଅନେକ ଲକ୍ଷଣ ଦେଖାଯାଏ । ଏଚ୍.ଆଇ.ଭି ସଂକ୍ରମଣ ପରେ, ଏପରି ପରିସ୍ଥିତି ସୃଷ୍ଟି ହୁଏ ଯେ ସଂକ୍ରମିତ ବ୍ୟକ୍ତିଙ୍କ ଛୋଟ ରୋଗର ଚିକିତ୍ସା ମଧ୍ୟ କଷ୍ଟସାଧ୍ୟ ହୋଇଯାଏ । ଶେଷରେ ରୋଗୀ ମୃତ୍ୟୁ ଆଡକୁ ଆକର୍ଷିତ ହୁଏ । ଆଜି ବି ସାରା ବିଶ୍ୱରେ କୋଟି କୋଟି ଲୋକଙ୍କ ଶରୀରରେ ଏହି ବିପଜ୍ଜନକ ରୋଗ ବଢ଼ୁଛି । ଏଡସ୍ ମହାମାରୀ ଯୋଗୁଁ ଆଫ୍ରିକାର ଅନେକ ଗାଁ ନଷ୍ଟ ହୋଇଯାଇଛି। ରଏଟର୍ସ ରିପୋର୍ଟ ଅନୁଯାୟୀ, ୧୯୮୦ ଦଶକରେ ଏଡସ୍ ମହାମାରୀ ଆରମ୍ଭ ହେବା ପରଠାରୁ ଏହି ଜୀବାଣୁ ୭୭ ମିଲିୟନରୁ ଅଧିକ ଲୋକଙ୍କ ନିକଟରେ ବ୍ୟାପିଗଲା । ୨୦୧୭ରେ, ବିଶ୍ୱରେ ପ୍ରାୟ ୪୦ ନିୟୁତ ଲୋକ ଏଚ୍.ଆଇ.ଭି ସଂକ୍ରମିତ ହୋଇଥିଲେ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ରିପୋର୍ଟ ଅନୁଯାୟୀ,୨୦୨୩ ଶେଷ ସୁଦ୍ଧା ବିଶ୍ୱରେ ୩.୯୫ କୋଟି ଲୋକ ଏଚ୍.ଆଇ.ଭି. ଏଡସ୍ ବିଷୟରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ 'ବିଶ୍ୱ ଏଡସ୍ ଦିବସ' ପ୍ରତିବର୍ଷ ଡିସେମ୍ବର ୧ ରେ ଏକ ସ୍ୱତନ୍ତ୍ର ଥିମ୍ ସହିତ ପାଳନ କରାଯାଏ । ଯାହାକୁ ଚଳିତ ବର୍ଷ 'ସଠିକ୍ ପଥ ନିଅ' ଥିମ୍ ସହିତ ପାଳନ କରାଯାଏ। ଠିକ୍, ଏଡସ୍ ଇତିହାସ ଅତ୍ୟନ୍ତ ଆକର୍ଷଣୀୟ ନକହି ବରଂ ଦୁଃଖ ଦାୟକ କହିବାକୁ ପଡିବ। ବାସ୍ତବରେ ୧୯୮୧ ମସିହାରେ, ପାଞ୍ଚ ଜଣ ସମଲିଙ୍ଗୀ ଯୁବକଙ୍କଠାରେ ପ୍ରଥମ ଥର ପାଇଁ ଏଡସ୍ ଲକ୍ଷଣ ଦେଖିବାକୁ ମିଳିଥିଲା। ଯେଉଁମାନେ ନିମୋସାଇଟିସ୍ ନିମୋନିଆ, କାପୋସିର ସାର୍କୋମା ଏବଂ ନ୍ୟୁୟର୍କ ଓ କାଲିଫର୍ଣ୍ଣିଆରେ ଚର୍ମ ରୋଗ ଭଳି ବିରଳ ରୋଗରେ ଚିକିତ୍ସିତ ହେଉଥିଲେ। ସେହି ରୋଗୀମାନଙ୍କ ମଧ୍ୟରୁ କେତେକଙ୍କ ଠାରେ ଏଡସ୍ ଲକ୍ଷଣ ଦେଖାଯାଉଥିଲା, ସେମାନେ ସମସ୍ତେ ସମଲିଙ୍ଗୀ ଥିଲେ। ସେତେବେଳେ ଏହି ରୋଗ କେବଳ ସମଲିଙ୍ଗୀ ସମ୍ପର୍କର ଏକ ଗୁରୁତର ରୋଗ ଭାବରେ ବିବେଚନା କରାଯାଉଥିଲା । ଅନ୍ୟପକ୍ଷରେ ଏହାକୁ 'ସମଲିଙ୍ଗୀ ସମ୍ବନ୍ଧୀୟ' କୁହାଯାଉଥିଲା।

ଏହାର ନାମ ହେଲା 'ପ୍ରତିରକ୍ଷା ଅଭାବ' (GRID) । ଏହି ରୋଗୀମାନଙ୍କର ଶାରୀରିକ ପ୍ରତିରୋଧକ ଶକ୍ତି ଅତ୍ୟନ୍ତ କମ୍ ହୋଇଯାଉଥିଲା । କିନ୍ତୁ କିଛି ସମୟ ପରେ ଯେତେବେଳେ ଏହି ରୋଗର ଲକ୍ଷଣ ଦକ୍ଷିଣ ଆଫ୍ରିକାର କିଛି ମହିଳା ଏବଂ ପିଲାମାନଙ୍କଠାରେ ଦେଖାଯିବା ଆରମ୍ଭ କଲା, ସେତେବେଳେ ଏହି ରୋଗ ସମଲିଙ୍ଗୀମାନଙ୍କର ଏକ ରୋଗ ବୋଲି ଶେଷ ହେଲା । ତା'ପରେ, ଗଭୀର ଅଧ୍ୟୟନ ପରେ, ଜଣାପଡିଲା ଯେ ଏହି ରୋଗ ମାଇକ୍ରୋସ୍କୋପିକ୍ ଜୀବାଣୁ ଦ୍ୱାରା ହୋଇଥାଏ । ଯାହା ରକ୍ତ ଏବଂ ଯୌନ ସମ୍ପର୍କ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣକୁ ବ୍ୟାପିଥାଏ । ପରେ ଏହି ରୋଗର ନାମ ହେଲା ଏଡସ୍, ଯାହା ଏଚ୍.ଆଇ.ଭି ନାମକ ଏକ ଜୀବାଣୁ ଦ୍ୱାରା ବିସ୍ତାର ହୋଇଥିଲା ।

ଏହି ଜୀବାଣୁ ମାନବ ଶରୀରର ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ କରେ ଏବଂ ମାନବ ରକ୍ତରେ ଥିବା ଧଳା ରକ୍ତ କଣିକାକୁ ନଷ୍ଟ କରିଦିଏ । ଏହିପରି ବ୍ୟକ୍ତିଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ନଷ୍ଟ ହୋଇଯାଏ । ଅବଶ୍ୟ ଧୀରେ ଧୀରେ ନଷ୍ଟ ହୋଇଯାଏ । ଏହି ଅବସ୍ଥାକୁ 'ଏଡସ୍' କୁହାଯାଏ । ଯଦି ଆମେ ଏଡସ୍‌ର କାରଣ ଦେଖିବା, ତେବେ ମାନବ ଶରୀରରେ ଏଚ୍.ଆଇ.ଭି ଜୀବାଣୁ ବିସ୍ତାର ହେବାର ମୁଖ୍ୟ କାରଣ ହେଉଛି ଅସୁରକ୍ଷିତ ଯୌନ ସମ୍ପର୍କ ଓ ଅଧିକ ଅଂଶୀଦାରଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ଏହା ହୋଇଥାଏ । ଏହାସତ୍ତ୍ୱେ ବେଳେବେଳେ ଅନ୍ୟ କେତେକ କାରଣ ମଧ୍ୟ ଏଚ୍.ଆଇ.ଭି ସଂକ୍ରମଣ ପାଇଁ ଦାୟୀ । ଶାରୀରିକ ଯୋଗାଯୋଗ ମାଧ୍ୟମରେ ଏଚ୍‌ଆଇଭି ସଂକ୍ରମଣର ୭୦-୮୦ ପ୍ରତିଶତ, ସଂକ୍ରମିତ ଇଞ୍ଜେକ୍ସନ କିମ୍ବା ଛୁଞ୍ଚି ମାଧ୍ୟମରେ ୫-୧୦ ପ୍ରତିଶତ, ସଂକ୍ରମିତ ରକ୍ତ ଦ୍ରବ୍ୟର ବିନିମୟ ପ୍ରକ୍ରିୟା ମାଧ୍ୟମରେ ୩-୫ ପ୍ରତିଶତ ଏବଂ ଗର୍ଭବତୀ ମା ମାଧ୍ୟମରେ ଶିଶୁକୁ ୫-୧୦ ପ୍ରତିଶତ ସମ୍ଭାବନା ଅଛି।

ହୁ (WHO) ଏବଂ ଭାରତ ସରକାରଙ୍କ ପକ୍ଷରୁ ଏହାର ନିରାକରଣ ନିମିତ୍ତ ନିରନ୍ତର ଉଦ୍ୟମ ଜାରି ରହିଛି। ତଥାପି, ଏଚ୍.ଆଇ.ଭି ସଂକ୍ରମଣ ଓ ଏଡସ୍ ସମ୍ବନ୍ଧରେ ସଚେତନତା ବୃଦ୍ଧି ପାଇଁ ଅଭିଯାନ କିଛି ପ୍ରଭାବ ଦେଖାଇଛି ଓ ସଂକ୍ରମଣ ହାର ହ୍ରାସ ପାଇଛି । ରିପୋର୍ଟ ଅନୁଯାୟୀ, ୨୦୧୦ ମସିହାରୁ ଭାରତରେ ଏଚ୍.ଆଇ.ଭି ସଂକ୍ରମଣ ହାର ୪୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଏହାସତ୍ତ୍ୱେ ଭାରତରେ ଏଡସ୍ ବ୍ୟାପିବାର ମୁଖ୍ୟ କାରଣ ହେଉଛି ସରକାରୀ ତଥା ଅଣ-ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ଏବଂ ଦାୟିତ୍ୱର ଅଭାବ, ନିରକ୍ଷରତା, ଦାରିଦ୍ର, ଅଜ୍ଞତା ଏବଂ ବେକାରୀ । ଅଧିକାଂଶ ସମୟରେ, ଯେତେବେଳେ କି ଏଡସ୍‌ର ଲକ୍ଷଣ ଦେଖାଯାଏ, ଲୋକମାନେ କେବଳ ସାମାଜିକ କଳଙ୍କ ଭୟ ହେତୁ ଏଚ୍.ଆଇ.ଭି ପରୀକ୍ଷା କରିବାକୁ ଲଜ୍ଜିତ ହୁଅନ୍ତି ନାହିଁ । ଚିହ୍ନଟ ହେବା ପରେ ଜଣେ ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତିଙ୍କ ଆଚରଣ ଅତ୍ୟନ୍ତ ଚିନ୍ତାଜନକ ଓ ନିନ୍ଦନୀୟ ହୋଇ ପଡ଼େ। ଏହି ଦିଗରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିହାତି ଆବଶ୍ୟକ ।

ବିଶେଷତଃ ଏହି ପରିପ୍ରେକ୍ଷୀରେ ସରକାରୀ କିମ୍ବା ଅଣ-ସରକାରୀ ସଂଗଠନଗୁଡ଼ିକ ଯେତେ ଦାବି କଲେ ମଧ୍ୟ ଏଡସ୍ ପୀଡ଼ିତାଙ୍କ ପ୍ରତି ଭେଦଭାବ ମାମଲା ବିଭିନ୍ନ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମାଜ, ସରକାରୀ ଓ ଅଣ-ସରକାରୀ ସଂଗଠନର ପ୍ରୟାସକୁ ପ୍ରକାଶ କରୁଥିବା ଜଣାପଡିଛି । ଦେଶରେ ଅନେକ ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତି ଓ ସେମାନଙ୍କ ପରିବାର ଅଛନ୍ତି । ଯେଉଁମାନେ ଏଚ୍.ଆଇ.ଭି ସଂକ୍ରମଣର ଖୁଲାସା ପରେ ସମାଜ ତଥା ନିଜ ନିଜ ଲୋକଙ୍କୁ ଅବମାନନା କରିଥିଲେ ।

ବାସ୍ତବତା ହେଉଛି ଏଡ୍ସ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ କରାଯାଉ ନାହିଁ । ଲୋକଙ୍କୁ ସଚେତନ କରାଇବାରେ ଆମର ଭୂମିକା ଏପର୍ଯ୍ୟନ୍ତ କିଛି ପୋଷ୍ଟର ଲେପନ କରିବା ଏବଂ ଟିଭି ଚ୍ୟାନେଲ କିମ୍ବା ଖବରକାଗଜରେ କିଛି ବିଜ୍ଞାପନ ପ୍ରକାଶନରେ କେବଳ ସୀମିତ ରହୁଛି । ଭାବିଦେଖିଲେ ବୋଧହୁଏ ଏହା ହେଉଛି ଏକବିଂଶ ଶତାବ୍ଦୀରେ ବାସ କରୁଥିବା ଭାରତର ଅନେକ ପଛୁଆ ଗ୍ରାମାଞ୍ଚଳ ଶବ୍ଦ ଏଚ୍.ଆଇ.ଭି ସଂକ୍ରମଣ। ସମସ୍ତ ପ୍ରଚାର ସତ୍ତ୍ୱେ ଆଜି ମଧ୍ୟ ଅନେକ ଲୋକ ଏହାକୁ ଏକ ଅସ୍ପୃଶ୍ୟ ରୋଗ ବୋଲି ବିବେଚନା କରନ୍ତି । ସେଥିପାଇଁ ସେମାନେ ଏପରି ରୋଗୀଙ୍କ ନିକଟକୁ ଯିବାକୁ ଭୟ କରନ୍ତି। ଆଜି ମଧ୍ୟ ସମସ୍ତ ଦାବି ସତ୍ତ୍ୱେ ସମାଜର ଅନେକ ସ୍ଥାନରେ ଏଡସ୍ ରୋଗୀଙ୍କୁ ଅବମାନନା କରାଯାଏ। ଏଡ୍ସକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ଗ୍ରାମାଞ୍ଚଳର ଓ ସହରରେ ସେମିନାର, ଷ୍ଟ୍ରିଟ୍ ନାଟକ, ପ୍ରଦର୍ଶନୀ ଇତ୍ୟାଦି ଆୟୋଜନ କରିବାର ଆବଶ୍ୟକତା ରହିଛି । ଯାହା ଦ୍ୱାରା ଲୋକମାନେ ସହଜ ସରଳ ଓ ଚିତ୍ତାକର୍ଷକ ଉପାୟରେ ଏହା ବିଷୟରେ ସମ୍ପୂର୍ଣ୍ଣ ସୂଚନା ପାଇପାରିବେ । ଆମକୁ ବର୍ତ୍ତମାନ ଏଡସ୍ ଭଳି ପ୍ରସଙ୍ଗରେ ଜନସାଧାରଣଙ୍କ ଆଲୋଚନାକୁ ଏଡାଇବା ପ୍ରବୃତ୍ତି ଓ ଏଡସ୍ ପୀଡିତଙ୍କ ପ୍ରତି ଉଦାସୀନତା ତଥା ସମ୍ବେଦନଶୀଳତାର ପ୍ରବୃତ୍ତି ତ୍ୟାଗ କରିବାକୁ ପଡିବ । ଏହା ବ୍ୟତୀତ ପ୍ରଚାର ଓ ପ୍ରସାର ଗଣମାଧ୍ୟମକୁ ମଧ୍ୟ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡିବ ।

ନିଷ୍କର୍ଷରେ କେବଳ ଏହାହିଁ କହିବାକୁ ହେବ ଯେ ସମଗ୍ର ବିଶ୍ୱରେ ଏଡସ୍ ମହାମାରୀକୁ ରୋକିବା ପାଇଁ ଲୋକଙ୍କୁ ନିରାପଦ ଯୌନ ସମ୍ପର୍କ ଓ ଅନ୍ୟାନ୍ୟ ଆବଶ୍ୟକ ସତର୍କତା ପାଇଁ ମଧ୍ୟ ଉତ୍ସାହିତ ହେବାକୁ ପଡିବ । କାରଣ ଏଡସ୍ ପୀଡିତଙ୍କ ପ୍ରତି ଭେଦଭାବରୁ ମୁକ୍ତ ଏକ ସୁସ୍ଥ ସମାଜ ଗଠନ ହେବା ଉଚିତ୍...!!!

ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗୀୟ ମୁଖ୍ୟ ।
ମହାନଦୀବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ, କଟକ-୪
ମୋ: ୯୦୪୦ ୧୫୧୪୭୫



# ଶ୍ରୀମନ୍ଦିରରେ ଅବକାଶ ନୀତି

## ଭୋଳାନାଥ ସାହୁ



ଶ୍ରୀମନ୍ଦିରରେ ପୂଜିତ ଶ୍ରୀଚତୁର୍ଦ୍ଧା ମୂର୍ତିଙ୍କର ଆବିର୍ଭାବ ଯେତିକି ରହସ୍ୟମୟ ତାଙ୍କର ସେବା ପୂଜାମଧ ସେତିକି ଗୁରୁତ୍ୱ ବହନ କରେ । ସ୍କନ୍ଦପୁରାଣ ସୂଚିତ କରେଯେ ଶ୍ରୀମନ୍ଦିରରେ ଉପାସିତ ଶ୍ରୀଚତୁର୍ଦ୍ଧାମୂର୍ତି ହେଉଛନ୍ତି ପରମାତ୍ମା, ପରମେଶ୍ୱର, ପୁରୁଷୋତମ, ପରଂବ୍ରହ୍ମ । ଶ୍ରୀମନ୍ଦିରରେ ଅନୁଷ୍ଠିତ ସେବାପୂଜା ଓ ବିଭିନ୍ନ ପର୍ବପର୍ବାଣୀ ଶ୍ରୀଚତୁର୍ଦ୍ଧାମୂର୍ତିଙ୍କ ନିମନ୍ତେ ଉଦିଷ୍ଟ । ତେଣୁ ସମସ୍ତ ନୀତିକାନ୍ତି ବ୍ୟାପକ, ଜଟିଳ ଓ ଉଚ୍ଚ ଆଦର୍ଶ ସମ୍ପନ୍ନ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଶ୍ରୀମନ୍ଦିରର ରତ୍ନ ସିଂହାସନରେ ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ଶ୍ରୀଚତୁର୍ଦ୍ଧାମୂର୍ତି ପ୍ରତିଷ୍ଠା ସମୟରେ ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ସେବାପୂଜାର ନୀତିକାନ୍ତି ସମ୍ପର୍କରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦର୍ଶାଇଥିଲେ । ସେହି ସମୟରୁ ଏହି ଭଗବତ ପ୍ରେରିତ ଓ ନିର୍ଦ୍ଦେଶିତ ନୀତିପାଳନ କରାଯାଇ ଆସୁଅଛି । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ୧୯୫୨ ଶ୍ରୀମନ୍ଦିର ସ୍ୱତ୍ୱ ଲିପିରେ ମଧ ଶ୍ରୀମନ୍ଦିରରେ ପ୍ରାଚୀନ କାଳରୁ ପାଳିତ ହୋଇ ଆସୁଥିବା ନୀତିକାନ୍ତି ଓ ପର୍ବପର୍ବାଣୀ ଲିପିବଦ୍ଧ ହୋଇଅଛି ।

ଶ୍ରୀମନ୍ଦିରରେ ଦ୍ୱାରଫିଟା, ମଙ୍ଗଳଆଳତି ଓ ମଇଲମ ନୀତି ସମ୍ପନ୍ନ ହୋଇସାରିବା ପରେ ଅବକାଶ ନୀତି ପାଳିତ ହୁଏ । ରତ୍ନସିଂହାସନରେ ବିରାଜମାନ କରୁଥିବା ଶ୍ରୀବିଗ୍ରହମାନଙ୍କର ଦନ୍ତ ମାର୍ଜନ ଓ ସ୍ନାନାଦି କର୍ମକୁ ଅବକାଶ ନୀତି କୁହାଯାଏ । ରତ୍ନସିଂହାସନରେ ଶ୍ରୀଚତୁର୍ଦ୍ଧମୂର୍ତିଙ୍କ ସହିତ ଶ୍ରୀ ମାଧବ, ଶ୍ରୀଦେବୀ, ଶ୍ରୀଭୂଦେବୀ ପ୍ରଭୃତି ୭ ଦିଅଁ ଅବସ୍ଥାନ କରିଥାନ୍ତି । ସେଥିମଧ୍ୟରୁ ୫ ଦିଅଁ ଦାରୁ ନିର୍ମିତ ଓ ଶ୍ରୀଦେବୀ ଭୂଦେବୀ ଧାତୁ ନିର୍ମିତ ଅଟନ୍ତି । ବାସ୍ତବରେ ୩ଦିଅଁଙ୍କର ଅବକାଶ ନୀତି ପାଳନ କରାଯାଏ । ସକାଳ ମଇଲମ ନୀତି ଶେଷ ହେବା ପରେ ଅବକାଶନୀତି ପାଳନ କରାଯାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପି ଆନୁସାରେ ଏହି ନୀତି ସକାଳ ୭ଟା ସମୟରେ ଅନୁଷ୍ଠିତ ହୋଇଥାଏ । ପୁଷ୍ପାଳକ, ସୁଆରବଡୁ, ପାଣିଆପଟ, ଖଟୁଲିସେବକ, ଦର୍ପଣିଆଁ, ମୁଖପ୍ରଖାଳ ପ୍ରତିହାରି, ଅଁଳାଘଟୁଆରି, ଭଣ୍ଡାରମେକାପ, ମହାଭୋଇ, ଜ୍ୟୋତିଷ ପ୍ରଭୃତି ୧୦ ଜଣ ସେବକଙ୍କ କ୍ରମଭିତିକ ପ୍ରସ୍ତୁତି ଦ୍ୱାରା ଏହି ସେବା ସମ୍ପନ୍ନ ହୋଇଥାଏ । ଏହି ନୀତି ସମ୍ପାଦନ ନିମନ୍ତେ ପିଢ଼ା, ପାଣିଗରା, ଖଟୁଲି, ଦାନ୍ତକାଠି, ଜିଭଛେଲା, ବଟା, ଫୁଲ, ତୁଳସୀ, ଚନ୍ଦନ, ଅଁଳା, କର୍ପୁର,ଦର୍ପଣ ପ୍ରଭୃତି ସରଞ୍ଜାମ ଆବଶ୍ୟକ । ସମସ୍ତ ସରଞ୍ଜାମକୁ ନେଇ ୧୦ ଜଣ ସେବାୟତ ନିରବଛିନ୍ନ ଭାବରେ ନିଜର ଦାୟିତ୍ୱକୁ ଗୋଟିକ ପରେ ଗୋଟିଏ ପରିଚାଳନା କରି ଅବକାଶ ନୀତି ସମ୍ପନ୍ନ କରିଥାନ୍ତି । ଏହି ନୀତି ସମ୍ପନ୍ନ ହେବା ପାଇଁ ପ୍ରାୟ ୪୫ ମିନିଟ ସମୟ ଲାଗିଥାଏ।

ଶ୍ରୀଜୀଉଙ୍କ ସକାଳ ମଇଲମ ପରେ ପାଣିଆପଟ ସେବକ ବିମଳା ମନ୍ଦିର ସମ୍ମୁଖ କୂଅରୁ ଗରାରେ ଜଳ ଆଣି ଦିଅନ୍ତି । ଏହାପରେ ଏହି ଜଳଦ୍ୱାରା ଭିତରପୋଖରିଆ ସେବକ ରତ୍ନସିଂହାସନ ସମ୍ମୁଖ ଭାଗ ବା ପୋଖରିଆ ଅଂଚଳକୁ ପରିଷ୍କାର କରନ୍ତି । ଏହିସ୍ଥାନରେ ସେ ପିଢ଼ା, ଖଟୁଲି, ବଟା, ଝରି, ପିଙ୍ଗଣ, ପରଖ ଓ ଦର୍ପଣ ପ୍ରଭୃତି ସୁଆରବଡୁ ପ୍ରସ୍ତୁତ କରି ରଖନ୍ତି । ପାଣିଆବଟ ସେବକ ୩ ଗରା ଜଳ, ୩ ପିଙ୍ଗଣ ଓ ଝରି ପାଇଁ ଅଲଗା ଜଳ ଯୋଗାଇ ଦିଅନ୍ତି । ଏହି ପ୍ରସ୍ତୁତିକୁ ଅବକାଶ ପାଣି ପଡ଼ିବା କୁହାଯାଏ । ଏହାପରେ ସୁଆରବଡୁ ସେବାୟତ ୩ ଦିଅଁଙ୍କ ଆଗରେ ରତ୍ନସିଂହାସ ତଳେ ପୋଖରିଆ ଅଂଚଳର ମଧ୍ୟଭାଗରେ ୩ଟି କାଠ ନିର୍ମିତ ପିଢ଼ା ପକାନ୍ତି । ଖଟୁଲି ସେବକ ଏହି ପିଢ଼ା ପାଖରେ ୩ଟି ବଟା ଓ ୩ଟି ରୂପା ଥାଳିରେ ଫୁଲ, ଚନ୍ଦନ, ତୁଳସି, ଅଁଳା ପ୍ରଭୃତି ରଖନ୍ତି । ସେ ୩ ଦିଅଁଙ୍କ ନିମନ୍ତେ ୧୨ ଇଂଚ ଲମ୍ବର ୩ଟି ମୁତୁରୀ ଦାନ୍ତକାଠିର ଅଗ୍ରଭାଗକୁ ଛେଚି କର୍ପୁର ଓ ଗୁଆ ଗୁଣ୍ଡ ଲଗାଇ ଜିଭ ପରିଷ୍କାର ନିମନ୍ତେ ୩ଟି ସୁନାରେ ପ୍ରସ୍ତୁତ ଜିଭଛେଲା ରଖନ୍ତି। ଗରାବଡୁ ସେବକ ୩ଟି ରୁପାଝରି ଓ ଦର୍ପଣିଆ ସେବକ ଅଷ୍ଟଧାତୁ ନିର୍ମିତ ୩ଟି ଦର୍ପଣ ଆଣି ଗରାବଡୁ ସେବକଙ୍କୁ ଦିଅନ୍ତି ଓ ସେ ତାକୁ ଶୁଦ୍ଧ କରି ପିଢ଼ା ନିକଟରେ ରଖନ୍ତି । ୩ ପିଢ଼ା ପାଖରେ ପାଣିଆପଟ ସେବକ ୩ଗରା ଶୁଦ୍ଧପାଣି ଓ ଚତୁର୍ଥ ଗରାରେ କର୍ପୁରମିଶା ପାଣି ଯୋଗାଇ ଦିଅନ୍ତି । ଏହାପରେ ମୁଖ ପଖାଳ ସେବକ ସିଂହାସନ ନିକଟକୁ ଯାଇ 'ପୂଜା ବସାଇବାକୁ ଓହ୍ଲାଇବା ହେଉ' ୩ଥର ଡ଼ାକଦେବା ପରେ ୩ ପୁଷ୍ପାଳକ ରତ୍ନ ସିଂହାସନର ଦିଅଁଙ୍କୁ ପ୍ରଣିପାତ କରି ପୂଜାକାର୍ଯ୍ୟ ଆରମ୍ଭ କରନ୍ତି । ୩ ପୁଷ୍ପାଳକ ପୋଖରିଆରେ ପଡ଼ିଥିବା ୩ଟି ଖଟୁଲି ଉପରକୁ ଶ୍ରୀଜୀଉମାନଙ୍କୁ ଆବାହନ କରନ୍ତି । ଏହା ସହିତ ଦ୍ୱାଦଶବାର ଗଣ୍ଡୁଷଜଳରେ ରତ୍ନସିଂହାସନସ୍ଥିତ ସପ୍ତବିଗ୍ରହଙ୍କ ଶ୍ରୀମୁଖ ପ୍ରକ୍ଷାଳନ କରନ୍ତି । ଏହାପରେ ପ୍ରସ୍ତୁତ ଥିବା ମୁତୁରୀଦାନ୍ତକାଷ୍ଠକୁ ସଂସ୍କାରିତ ମନ୍ତ୍ରରେ ୩ଦିଅଁଙ୍କ ଦନ୍ତ ମାର୍ଜନ କରାନ୍ତି ଓ ପୁନର୍ବାର ଦ୍ୱାଦଶ ଗଣ୍ଡୁଷଜଳରେ ମୁଖ ଧୌତକରି ଜିହ୍ୱାଲେହନ ପରେ ପୁନର୍ବାର ଶ୍ରୀମୁଖକୁ ଜଳଦ୍ୱାରା ଧୋଇଦେଇଥାନ୍ତି ।

ଶ୍ରୀଜୀଉଙ୍କର ଅବକାଶ ନୀତି ସାଧାରଣ ମଣିଷର ଜୀବନଧାରଣର ନୀତିକାନ୍ତି ପରି ପାଳନ କରାଯାଏ । ସିଂହାରି ସେବକ ଦିଅଁ ମାନଙ୍କର ସ୍ନାନ ନିମନ୍ତେ ୩ଦର୍ପଣକୁ ପରିଷ୍କାର କରି ଧୁଆଯାଇଥିବା ପରଖ ଉପରେ ରଖନ୍ତି । ଏହାପରେ ଆବାହନ ମନ୍ତ୍ର ଦ୍ୱାରା ଦଶମୁଦ୍ରା ଦର୍ଶାଇ ଶ୍ରୀଜୀଉଙ୍କୁ ଆବାହନ କରନ୍ତି । ଚନ୍ଦନ ଓ ତୁଳସୀ ଦ୍ୱାରା ପଂଚାମୃତ ସଂସ୍କାର କରି ପଂଚାମୃତ ମନ୍ତ୍ରରେ ସ୍ନାନକରାନ୍ତି । ପୁନର୍ବାର ଅଁଳାଚନ୍ଦନ ଦ୍ୱାରା ସ୍ନାନ କରାଇ ଶୁଦ୍ଧ ଜଳରେ ପୁଣିଥରେ ସ୍ନାନ କରାନ୍ତି । ଏହାପରେ ଖଟୁଲି-ପାହାଡ଼ା ଉଠାଯାଇ ଦର୍ପଣ ଉପରେ ପଡୁଥିବା ପ୍ରତିବିମ୍ବ ମାଧ୍ୟମରେ ଦିଅଁଙ୍କ ସ୍ନାନକାର୍ଯ୍ୟ କରାଯାଏ । ବର୍ଷତମାମ ଦିଅଁ ମାନଙ୍କର ଦର୍ପଣ ସ୍ନାନ କରାଯାଇଥାଏ ଓ ସ୍ନାନଯାତ୍ରାରେ ସ୍ନାନ ମଣ୍ଡପରେ ୧୦୮ଗରା ଜଳରେ ୩ଦିଅଁଙ୍କୁ ସ୍ନାନ କରାଯାଏ । ରତ୍ନସିଂହାସନସ୍ଥିତ ଶ୍ରୀଜୀଉମାନଙ୍କର ସ୍ନାନକାର୍ଯ୍ୟ ପୁଷ୍ପାଳକ ସେବକ ଦ୍ୱାରା ସ୍ନାନବିଧି ପଂଚଉପଚାରରେ କରିଥାନ୍ତି । ଶ୍ରୀଜୀଉମାନଙ୍କର ସ୍ନାନକାର୍ଯ୍ୟ ଚାଲିଥିବା ସମୟରେ ଶ୍ରୀମନ୍ଦିର ଜ୍ୟୋତିଷ ସେବକ ରତ୍ନସିଂହାସନ ଆଗରେ ଠିଆହୋଇ ସେହିଦିନର ତିଥି, ବାର, ନକ୍ଷତ୍ର ଓ ଗ୍ରହଚଳନ ସମ୍ପର୍କରେ ପଞ୍ଜିକାରୁ ଦର୍ଶାଇଥାନ୍ତି । ଯେଉଁଦିନ ଠାକୁରଙ୍କ ଜନ୍ମନକ୍ଷତ୍ର ପଡ଼େ, ସେହିଦିନ ମଧ୍ୟାହ୍ନଧୂପ ପରେ ନକ୍ଷତ୍ର ବନ୍ଦାପନା ନୀତି ଅନୁଷ୍ଠିତ ହୁଏ । ଏହିନୀତି ଚାଲିଥିବା ସମୟରେ ଶ୍ରଦ୍ଧାଳୁମାନେ ଭିତରଅର୍ଗଳି ପାଖରେ ଠିଆହୋଇ ଏହିଦୃଶ୍ୟ ଦେଖିପାରିବେ । ଦିଅଁଙ୍କର ସ୍ନାନଜଳକୁ ପାଦୁକା ଭାବରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଂଟନ କରାଯାଇଥାଏ । ଠାକୁରମାନଙ୍କର ଅବକାଶନୀତି ପରେ ମଇଲମ ନୀତି ପାଳିତ ହୁଏ । ପୂର୍ବରୁ ମଇଲମନୀତିରୁ ସ୍ପଷ୍ଟଯେ ଦିନରେ ଅନ୍ୟୁନ ୬ ଥର ମଇଲମନୀତି ପାଳିତ ହୁଏ । ଏହାପରେ ସାହାଣମେଲା ଅର୍ଥାତ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା କରାଯାଏ । ଏହିବ୍ୟବସ୍ଥାରେ ଶ୍ରଦ୍ଧାଳୁମାନେ ବିନା ପରମାଣିକ ଟିକଟରେ ରତ୍ନସିଂହାସନ ପରିକ୍ରମା କରିବାର ସୁଯୋଗ ପାଇଥାନ୍ତି । ମାତ୍ର ସୌଭାଗ୍ୟବଶତଃ ହେଉ ବା ଦୁର୍ଭାଗ୍ୟବଶତଃ ହେଉ ବର୍ତ୍ତମାନ ଭକ୍ତମାନେ ଶ୍ରୀମନ୍ଦିରରେ ଏହିସୁବିଧା ପାଇବାରୁ ବଂଚିତ । ୨୦୧୬ ମସିହାରୁ ରତ୍ନସିଂହାସନ ପାଖକୁ ଯାଇ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ବନ୍ଦ କରଯାଇଛି । ଏଥିପାଇଁ ଭକ୍ତମାନଙ୍କ ମନରେ 'ଭକ୍ତ-ଭଗବାନ' ଆବେଗର ଅବଶୋଷ ଦେଖାଦେଇଛି । ଗହଳିକୁ ଆଳ ନଦେଖାଇ ଯଦି ସରକାର ପୁନଃ ପରମାଣିକ ଟିକଟବ୍ୟବସ୍ଥା ଦ୍ୱାରା ଶୃଙ୍ଖଳିତ ଭାବରେ ରତ୍ନସିଂହାସନ ପରିକ୍ରମା ବ୍ୟବସ୍ଥା କରନ୍ତେ ତେବେ ଭକ୍ତମାନେ ଆତ୍ମସନ୍ତୋଷ ଲାଭ କରନ୍ତେ ।

+ପ୍ରାକ୍ତନ ପ୍ରାଧ୍ୟାପକ ଓ
ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ:୯୯୩୭୧୫୧୩୧୦




## ପ୍ରତିବିମ୍ବ

### ଜିତେନ୍ଦ୍ର ଚନ୍ଦ୍ର ସାହୁ

ଅମାର ଭିତରେ ଶସ୍ୟ ଦାନା ଥିଲେ
ନପୁରଇ କାର ପେଟ
ଧନୀ କି ଗରିବ ହୁଏ ଛଟପଟ
ଭୋକ ପାଇଁ କରେ ନାଟ ।୧।
ନଦୀ, ଝରଣାର କୂଳରେ ଥିଲେ ବି
ମେଣ୍ଟେ ନାହିଁ କାର ଶୋଷ
ଚାହିଁ ରହନ୍ତାନି ଚାତକ ଆକାଶେ
ମେଣ୍ଟିବାକୁ ତାର ଶୋଷ ।୨।
ଗ୍ରନ୍ଥାଳୟେ ଯାଇ ନିତି ବସିଗଲେ
ଜ୍ଞାନି ଗଣା ହେବ ନାହିଁ
ରଙ୍ଗ ବୋଲି ହୋଇ ମଞ୍ଚେ ଛିଡ଼ା ହେଲେ
ଅଭିନୟ ହେବ ନାହିଁ ।୩।
ସପନଟା ଯଦି ହୋଇ ଯାନ୍ତା ସତ
ନିଦ୍ରାକୁ କରନ୍ତି ବଶ
ମନ ପବନଟା ଖୋଜେ ଇନ୍ଦ୍ରପୁର
ପାଣି ଫୋଟକା ଆୟୁଷ ।୪।
ପ୍ରତିବିମ୍ବ ତୋର ଦେଖି ତୁ ନିରେଖି
ଖସି ଗଲା କି ? ବୟସ
ଅଖି ବୁଜି ଦେଲେ ସବୁତ ଅନ୍ଧାର
ହୀନ ଦୃଷ୍ଟି ପରିହାସ ।୫।
ଦୁଇ ଟୋପା ଲୁହ ତତଲା ଲୁହର
ଥିବ ଯେ କେତେ କାହାଣୀ
ଅଭିନୟ ଲୁହ ବୁଝି କି ପାରିବ
ମରମ ବେଦନା ବାଣୀ ।୬।

ବସୋଇ, ପର୍ଜଙ୍ଗ, ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦

## ତୁ ପାରିବୁନି !

### ଜିତୁ ପ୍ରଧାନ

ଯଦି କେବେ ଜୀବନ ବାଟରେ ଏକା
ଚାଲୁଚାଲୁ
ତୋ ଆଗରେ ଝୁଣ୍ଟିବାକୁ ହୁଏ,
ମୋ ହାତ ଧରି ଉଠେଇବାକୁ ନାହିଁ
କରିବୁନି ।।
ତୁ କଲେଜ ଆସିବା ପରେ
କ୍ଲାସ୍ ରୁମରେ ମୋ ପାଖ ବେଞ୍ଚରେ
ବସି
ମୋ ସହ ଗପ କରିବାକୁ ,
ମୋ ହାତ ଧରି ତୋ ଛାତିର ଉଷୁମ
ମାପିବାକୁ
ତୁ ଡରି ଯିବୁ ଯଦି
ତୁ ମୋ ମଙ୍ଗଳ ମନାସି ପାରିବୁନି
ସନ୍ଧ୍ୟାରେ, ଗୋଧୂଳିରେ
ତୁ ସଞ୍ଜବତି ଜାଳିସାରି
ପାଲଟା ଲୁଗାରେ
ମୋ ପାଇଁ ମେସେଜ କି କଲଟିଏ
କରିବା ଆଗରୁ
ତୋ ଓଦା ଆଖିରୁ ଲୁହ ଟୋପେ
ବହିଯିବାକୁ ଦବୁ ଯଦି
ସେ ଲୁହକୁ ପାପୁଲିରେ ସାଇତି
ପାରିବୁନି ।।
ସବୁ ରବିବାର ଦିନ ମୋତେ ଟିକେ
ଦେଖିବୁ ବୋଲି, ତୋ ଗାଁ ଦାଣ୍ଡ ଦେଇ
ନଈକୁ ଗଲାବେଳେ,ଝର୍କା ସେପାଖରେ
ମୋ ଆସିବା ବାଟକୁ ଚାହିଁ ବସିଥିବୁ
ଯଦି
ମୋ ଭିତରର ଲୋଡ଼ିବା ପଣରୁ ଫେରି
ପାରିବୁନି ।।
ତୋ ପାଇଁ ବାଲିଯାତ୍ରାରୁ
ହଳେ କାନଫୁଲ ଆଣିଦେବି କହିଲେ
ନାହିଁ କରି ମୋ ଅଭାବର
ଇତିହାସକୁ ବାରମ୍ବାର
ପାଲଟା ଶରାଘାତ କରୁଥିବୁ ଯଦି
ମୋ ଭଲପାଇବାକୁ ବୁଝି ପାରିବୁନି ।
ତୋ ମନ ଦୁଃଖବେଳେ ମୋ ଛାତିରେ
ତୋ ମଥା ରଖି ସାରା ଜୀବନ ପାଇଁ
ମୋତେ ତୋ ପାଖରେ ବନ୍ଦୀ କରିଦବୁ
ଯଦି
ମୁଁ କାହାର ପ୍ରେମରେ ଅନ୍ଧ ହେଲେ ତୁ
ସହି ପାରିବୁନି ।
ଯଦି କେବେ ଆଉ କାହାସହ
ତୋର ବାହାଘର ହୁଏ
ମୋତେ ଗୋଟେ ଦୁର୍ଘଟଣା ଭାବି
ଅଜଣା ରାତିର ସ୍ୱପ୍ନ ପରି ଭୁଲିଯିବୁ
ଯଦି
ମୁଁ ଜାଣେ ତୁ ନୀରବରେ ବଞ୍ଚି
ପାରିବୁନି।

ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

ଗଳ୍ପ ମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ
୫
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୨ ଡିସେମ୍ବର, ସୋମବାର, ୨୦୨୪

# ଭଡାଟିଆ

ପ୍ରଦ୍ୟୁମ୍ନ ପଟ୍ଟନାୟକ



ଏତେବଡ଼ ଘରଟାରେ କେବଳ ରହୁଥାଆନ୍ତି ସୁକାନ୍ତି ମାଉସୀ। ସତୁରି ବର୍ଷର ବୁଢ଼ୀ । ଦୁର୍ଯୋଗବଶତଃ ସ୍ୱାମୀ ଏବଂ ଦୁଇ ପୁତ୍ରଙ୍କୁ ହରାଇ ହୋଇ ଯାଇଥାଆନ୍ତି ଏକାକୀ । ତାଙ୍କ ସହ ସେ ଘରଟିରେ ରହିବା ପାଇଁ ନିଜର ବୋଲି ଆଉ କେହି ନଥାନ୍ତି ମାତ୍ର ସ୍ୱାମୀ ଏବଂ ପୁଅ ଦୁଇଜଣଙ୍କ ସ୍ମୃତି ସନ୍ତକ ବିନା।

ତାଙ୍କ ହାତ ଗୋଡ଼ ପାରୁଥିଲେବି ନିକଟ ଏବଂ ଦୂର ସମ୍ପର୍କୀୟମାନେ ପରାମର୍ଶ ଦେଲେ ଉପର କିମ୍ବା ତଳ ମହଲାକୁ ଭଡାରେ ଲଗାଇ ଦେବାକୁ । ଆଗ ଆଗ ସୁକାନ୍ତି ମାଉସୀ ଅରାଜି ହେଲେ । ତାଙ୍କ ସ୍ୱାମୀ ଏବଂ ସନ୍ତାନଙ୍କ ସ୍ମୃତି ସମ୍ବଳିତ ଗୃହ ମନ୍ଦିରରେ ଆଉ କାହାକୁ ପୂରାଇବାକୁ ଇଚ୍ଛା କରୁ ନଥିଲେ। ତା' ବ୍ୟତୀତ ନିଜର ଦୈନନ୍ଦିନର ଆବଶ୍ୟକତା ପାଇଁ ଘରଭଡା ମାଧ୍ୟମରେ କିଛି ଉପାର୍ଜନ କରିବା ନିଷ୍ପ୍ରୟୋଜନ ଥିଲା । ତାଙ୍କ ସ୍ୱାମୀଙ୍କ ଚାକିରି ବଶତଃ ତାଙ୍କୁ ଫ୍ୟାମିଲି ପେନସନ୍ ମିଳୁଥିଲା। ଗାଁଆରେ ଥିବା ମଉସାଙ୍କ ଭାଗ ଜମି ବାଡ଼ିରୁ ମିଳୁଥିବା ଫସଲ ଚଳିବା ପାଇଁ ଯଥେଷ୍ଟ ଥିଲା। ଜଣେ ମଣିଷ ବାର୍ଦ୍ଧକ୍ୟରେ କେତେବା ଖାଇବ ପିନ୍ଧିବ।

ଉପର ତଳ ମହଲା ମିଶାଇ ପୂରା ଘରଟିର ରକ୍ଷଣା ବେକ୍ଷଣ କିନ୍ତୁ ଆବଶ୍ୟକ ଥିଲା । ପରିଣତ ବୟସରେ ସବୁଦିନ ଓଳା ପୋଛା କରିବା କାଠିକର ପାଠ । ପୁଣି ଯଦି ବ୍ୟବହାର ନକରିବେ ତେବେ ତଳୁ ଉପର ଯାଏ ସଫା ସଫି କରି ହାଲିଆ ହେବେ କାହିଁକି ? କାରବାର ନହେଲେ ବନ୍ଦ ଘରଟାରେ ଉଇ, ବୁଢିଆଣୀ, ଝିଟିପିଟିଙ୍କର ରାଜୁତି ଚାଲିବ। ତା' ଛଡ଼ା ବେଳ ଅବେଳରେ, ଦେହ ପା ଭଲ ମନ୍ଦରେ କେହିଜଣେ ପାଖରେ ଥିଲେ ସାହା ଭରସା ହେବ ଭାବି ସୁକାନ୍ତି ମାଉସୀ ଶେଷରେ ରାଜି ହୋଇଗଲେ । ଘରର ଉପର ମହଲାଟି ଭଡାରେ ଦେଇ ଦେବାକୁ ମନ ସ୍ଥିର କଲେ ।

ପୁରୀ ଭଳି ସହରରେ ଗୁଣ୍ଡିଚା ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବା ତାଙ୍କ ଘରଟି ଭଡାରେ ଲାଗିବାରେ କିଛି ଅସୁବିଧା ନଥିଲା । ଗୋଟିଏ ଛୋଟ ଚାକିରିଆ ପରିବାର ଜୁଟି ଗଲେ। ସ୍ୱାମୀ ସ୍ତ୍ରୀ ଏବଂ ତାଙ୍କର ଛୋଟିଆ ପିଲାଟିଏ। ତାଙ୍କୁ ବି ମାଉସୀଙ୍କ ଘରର ଉପର ମହଲାଟି ପସନ୍ଦ ହୋଇଗଲା। ରମେଶ ବାବୁ ବି ଏପରି ଘରୋଇ ପରିବେଶ ଚାହୁଁ ଥିଲେ ଯେଉଁଠି ସୁରକ୍ଷା ସହ ଚଳ ପ୍ରଚଳ ହେବାର ସ୍ୱାଧୀନତା ଥିବ । ସେ ଦିନବେଳେ ଅଫିସ୍ ଏବଂ ପୁଅ ସ୍କୁଲ ଚାଲିଥିବା ପରେ ଘରେ ଏକୁଟିଆ ରହି ଯାଉ ଥାଆନ୍ତି ତାଙ୍କ ସ୍ତ୍ରୀ ରେଣୁ । ଯେହେତୁ ତଳ ଘରେ ସୁକାନ୍ତି ମାଉସୀ ରହୁ ଥାଆନ୍ତି ତେଣୁ ରମେଶ ବାବୁ ନିର୍ଶ୍ଚିନ୍ତ ଥାଆନ୍ତି । ରେଣୁ ବି ସେ ଘରେ ରହୁ ରହୁ ସୁକାନ୍ତି ମାଉସୀଙ୍କ ସହ ମିଳାମିଶା ଆରମ୍ଭ କରି ଦେଇ ଥାଆନ୍ତି । ତାଙ୍କୁ ନିଜର ମା' ତଥା ଶାଶୂ ଭଳି ଗୁରୁଜନ ଭାବି ଆଦର ସମ୍ମାନ କରୁ ଥାଆନ୍ତି।

ରମେଶ ବାବୁ ଏବଂ ପୁଅ ରୋହିତ୍ ସକାଳୁ ଖାଇ ପିଇ ଘରୁ ବାହାରି ଯିବା ପରେ ରେଣୁ ଘର କାମ ସାରି ଆସି ଯାଆନ୍ତି ତଳ ଘରକୁ । ସୁକାନ୍ତି ମାଉସୀଙ୍କ ସହ ବସି ଗପ ସପ ହୁଅନ୍ତି । ମାଉସୀ ଯେତେ ମନା କଲେବି ନିଜେ ରାନ୍ଧୁଥିବା ତୁଣ ତରକାରି ତାଙ୍କ ପାଇଁ ନେଇ ଆସନ୍ତି ରେଣୁ । ଧୀରେ ଧୀରେ ତାଙ୍କର ସାତ ବର୍ଷର ପୁଅ ରୋହିତ୍ ବି ସୁକାନ୍ତି ମାଉସୀଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇ ଯାଉଥାଏ । ତାକୁ ଜଣେ ଜେଜେମା ମିଳି ଯାଇଥାନ୍ତି ଗେହ୍ଲା କରିବା ପାଇଁ । ସେଥିପାଇଁ ସେ ସ୍କୁଲରୁ ଫେରି ତଳ ମହଲାରେ ବହି ବସ୍ତାନି ରଖି ଦେଇ ଗଡ଼ି ପଡୁ ଥାଏ ସୁକାନ୍ତି ମାଉସୀଙ୍କ ଖଟ ଉପରେ । ସେଇଠି ତାର ଅଧିକାଂଶ ସମୟରେ ଖିଆପିଆ ଖେଳ କୁଦ ଅଳି ଅର୍ଦ୍ଦଳି । ବାପା ମା'ଙ୍କ ଠାରୁ ଅଧିକ ସ୍ନେହ ଆଦର ଏବଂ କମ୍ ଆକଟ କରୁ ଥିବା ସୁକାନ୍ତି ମାଉସଙ୍କ ପାଖରେ ରହିବା ପାଇଁ ରୋହିତ୍‌କୁ ଭଲ ଲାଗୁଥାଏ । ସେ ଖୁସି ହେଉଥାଏ। ମାଉସୀ ବି ନାତି ସଦୃଶ ରୋହିତ୍‌କୁ ଦେଖି କିଛି ମାତ୍ରାରେ ତାଙ୍କ ପୁତ୍ର ଶୋକ ପାସୋରି ଦେଉଥିଲେ। ଭୁଲି ଯାଉଥାଆନ୍ତି ତାଙ୍କ ବିମର୍ଷ । ତାଙ୍କ ହୃଦୟ ରେ ସଞ୍ଚିତ ଥିବା ସମସ୍ତ ସ୍ନେହ ମମତା ଅକୁଣ୍ଠିତ ଚିତ୍ତରେ ଅଜାଡ଼ି ଦେଉ ଥାଆନ୍ତି ରୋହିତ୍ ଉପରେ । ସେ ବି କେବଳ ପଢିବା ଏବଂ ଶୋଇବା ବ୍ୟତୀତ ଆଉ ସବୁ ସମୟ ବିତାଉ ଥାଏ ସୁକାନ୍ତିଙ୍କ ସହ ।

ରମେଶ ବାବୁ ଭଡା ସୂତ୍ରରେ ଉପର ମହଲାରେ ରହିବା ପରଠାରୁ ସୁକାନ୍ତି ମାଉସୀଙ୍କର ଅନେକ ଦିନରୁ ନିଶୂନ ପଡିଥିବା ଘରଟି କ୍ରମେ କୋଳାହଳରେ ଜୀବନ୍ତ ହୋଇ ଉଠୁଥାଏ । କେବେଠୁ ତାଙ୍କ ଜୀବନରୁ ହଜି ଯାଇଥିବା ସରସତା କ୍ରମେ ଲେଉଟି ଆସୁଥାଏ । ଘରେ ଆଉ ଗୋଟିଏ ପରିବାର କାରବାର ହେବା ସହ ଗୋଟିଏ ଛୋଟ ଛୁଆର ଉପସ୍ଥିତି ମୁଖରିତ କରୁଥାଏ ସୁକାନ୍ତି ମାଉସୀଙ୍କ ନିରସ ଜୀବନକୁ । ଦିନେ ଘର ଧୁଆ ପୋଛା କରିବା ସମୟରେ ମାଉସୀଙ୍କର ଗୋଡ ଖସି ଯିବାରୁ କଚାଡ଼ି ହୋଇ ପଡ଼ିଗଲେ । ସୌଭାଗ୍ୟକୁ ସେତେବେଳେ ରମେଶ ବାବୁ ଘରେ ଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଉଠାଇ ଡାକ୍ତରଖାନା ନେଇଗଲେ। ଚିକିତ୍ସା ଆରମ୍ଭ କରି ଡାକ୍ତର ଗୋଟିଏ ଦିନ ତାଙ୍କୁ ଡାକ୍ତରଖାନାରେ ରହିବା ପାଇଁ ପରାମର୍ଶ ଦେଲେ । ରମେଶ ବାବୁ ଏବଂ ତାଙ୍କ ସ୍ତ୍ରୀ ରେଣୁ ଅଦଳ ବଦଳ କରି ମାଉସୀଙ୍କୁ ଜଗି ରହିଲେ ସେ ଘରକୁ ଫେରି ଆସିଲା ଯାଏ । ଆଜିକାଲିର ସମାଜରେ ପରିଲକ୍ଷିତ ହେଉଥିବା ସମ୍ପର୍କର ଶିଥିଳତା ଦୃଷ୍ଟିରୁ ସୁକାନ୍ତି ମାଉସୀ ଆଶ୍ୱସ୍ତ ଥିଲେ। ରମେଶ ବାବୁ ଏବଂ ରେଣୁ ନିଜର ପୁଅ ବୋହୂ ଭଳି ତାଙ୍କର ସେବା ଯତ୍ନ କରୁଥିଲେ। ସୁକାନ୍ତି ମାଉସୀ ନିଜର ଆତ୍ମୀୟ ମାନଙ୍କୁ ହରାଇବା ସତ୍ତ୍ୱେ ଯେତେ ନିଜକୁ ଦୃଢ଼ କରି ଧୈର୍ଯ୍ୟର ସହ ସବୁ ଦୁଃଖକୁ ସହି ନେବାର କ୍ଷମତା ରଖୁ ଥିଲେବି ଆକସ୍ମିକ ଏବଂ ସାମୟିକ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଅନିର୍ଶ୍ଚିତ ଥିଲେ। ଘରେତ ସବୁବେଳେ ବିରାଜମାନ କରୁଥିଲା ଅଖଣ୍ଡ ନିରବତା । ଅତୀତ ସ୍ମୃତି ରୋମନ୍ଥନ ଥିଲା ଏକ ମାତ୍ର ବିକଳ୍ପ । କେତେବା ସେ ଦୁଃଖ ସାଗରରେ ବୁଡ଼ି ରହିବେ । ଏକାକୀତ୍ୱ ବି ଆନ୍ଦୋଳିତ କରୁଥିଲା । କିନ୍ତୁ ଯେବେଠୁ ରମେଶ ବାବୁଙ୍କ ଭଳି ଭଡାଟିଆ ମିଳିଗଲେ ତାଙ୍କ ଘର ପରିବେଶ ବଦଳି ବାକୁ ଲାଗିଲା । ତା' ସହ ତାଙ୍କ ମାନସିକ ଅସ୍ଥିରତା ବି ବହୁ ମାତ୍ରାରେ ହ୍ରାସ ପାଇଥିଲା । ଅନ୍ୟପକ୍ଷରେ ରମେଶ ବାବୁଙ୍କୁ ମିଳି ଯାଇଥିଲେ ସୁକାନ୍ତି ମାଉସୀଙ୍କ ଭଳି ଜଣେ ସ୍ନେହୀ ମଣିଷ । ଏମିତି ଘର ମାଲିକାଣୀ ଯାହାଙ୍କର ଦୌରାତ୍ମ୍ୟ ତ ଦୂର କଥା କୌଣସି କଥା ନେଇ ଆକଟ କିମ୍ବା ପ୍ରତିବନ୍ଧକ ନଥିଲା ତାଙ୍କ ଘରେ । ବରଂ ସେ ତାଙ୍କ ପୂରା ଘର, ବାଡ଼ି ଛାଡ଼ି ଦେଇଥିଲେ ତାଙ୍କ ଅବାଧ କାରବାର ଲାଗି । ବାଡ଼ିରେ ଲାଗିଥିବା କଦଳୀ, ନଡ଼ିଆ, ଆମ୍ବ, ପଣସ ,ସଜନା ଆଦି ତୋଳି ବ୍ୟବହାର କରିବା ସ୍ୱାଧୀନତା ମଧ ଦେଇଥିଲେ।



ଆଜିକାଲିର ଛୋଟ ପରିବାରରେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି ରୋହିତ୍ ଭଳି ଛୋଟ ପିଲାମାନେ । ବାପା ମା' ଙ୍କର ଗୋଟିଏ ମାତ୍ର ସନ୍ତାନ ହୋଇ ଥିବାରୁ ସାଙ୍ଗରେ ଖେଳିବାକୁ ଛୋଟ କି ବଡ ଭାଇ ଭଉଣୀ ନଥାନ୍ତି । ପୁଅ ବୋହୂ ଚାକିରି ବାକିରି ପାଇଁ ନିଜ ବାପା ମାଆଙ୍କ ଠାରୁ ଦୂରରେ ରହୁ ଥିବାରୁ ଛୋଟ ପିଲାମାନେ ବଞ୍ଚିତ ହେଉଛନ୍ତି ଜେଜେ ଜେଜେମାଙ୍କର ସ୍ନେହ ଶ୍ରଦ୍ଧାରୁ। ସେ ଦୃଷ୍ଟିରୁ ରୋହିତ୍ ଭାଗ୍ୟବାନ । ତାକୁ ସେପରି ସ୍ନେହ ମମତା ମିଳି ଯାଉଥିଲା ସୁକାନ୍ତି ମାଉସୀଙ୍କ ପାଖରେ । ସେ ବି ନିଜ ଜେଜେମା ଭଳି ଦିନ ସାରା ତାଙ୍କରି ପାଖରେ ନସର ପସର ହୁଏ ।

ଉଭୟ ରମେଶ ବାବୁ ଏବଂ ସୁକାନ୍ତି ମାଉସୀ ନିଜ ନିଜର ଆବଶ୍ୟକତାକୁ ଉପଲବ୍ଧି କରି ପରସ୍ପରର ସହାୟତାରେ ଗୋଟିଏ ଘରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ କରୁଥାଆନ୍ତି । ବେଳେ ବେଳେ କୌଣସି ଅନିବାର୍ଯ୍ୟ କାରଣ ବଶତଃ ନିୟମିତ ରୂପେ ଘର ଭଡା ଦେଇ ପାରନ୍ତି ନାହିଁ ରମେଶ ବାବୁ । ସେଥିପାଇଁ କୌଣସି ଆପତ୍ତି ନଥାଏ ସୁକାନ୍ତି ମାଉସୀଙ୍କର। କିନ୍ତୁ ତାଙ୍କ ଦୂର ସମ୍ପର୍କୀୟ ମାନେ ଏସବୁ ଲକ୍ଷ୍ୟ କରି ଭାବନ୍ତି ବୋଧହୁଏ ମାଉସୀଙ୍କ ଅନ୍ତେ ରମେଶ ବାବୁ ତାଙ୍କ ଘରଟି ହଡପ କରି ନେବେ । ସେଠୁ ଆଉ ଯିବେ ନାହିଁ । ଏସବୁକୁ କର୍ଣ୍ଣପାତ ନ କରି ସୁକାନ୍ତି ମାଉସୀ ଭାବନ୍ତି, କିଏ ଜାଣେ ଜୀବନ ଆଉ କେତେଦିନ। ଯେତେଦିନ ବି ଥାଉ ଆୟୁଷ ରମେଶ ବାବୁଙ୍କ ଭଳି ଜଣେ ସହୃଦୟ ବ୍ୟକ୍ତି ଭଡାଟିଆ ଭାବେ ମିଳି ଯାଇଥିବାରୁ ସେ ନିଜର ଆତ୍ମୀୟ ମାନଙ୍କୁ ହରାଇ ନିଃସଙ୍ଗ ଜୀବନ ବିତାଇବାର ଦୁଃଖ ଅନେକ ମାତ୍ରାରେ ଭୁଲି ଯାଇଥାନ୍ତି । ସମାଜରେ ସୁକାନ୍ତ ମାଉସୀଙ୍କ ଭଳି ବୟସାଧିକ ବ୍ୟକ୍ତି ମାନଙ୍କ ସମସ୍ୟା ଯେତିକି ଉତ୍କଟ ସେସବୁର ସମାଧାନ ନିମିତ୍ତ ସେତିକି ବିକଳ୍ପ ମଧ ଉପଲବ୍ଧ । କିନ୍ତୁ ସେ ବିକଳ୍ପ ଗୁଡିକୁ ଉପଯୋଗ କରିବା ନିମିତ୍ତ ଆବଶ୍ୟକ ସକାରାତ୍ମକ ମନୋଭାବ, ସମ୍ବେଦନଶୀଳ ହୃଦୟ ଏବଂ ବିଶ୍ୱାସ ଯୋଗ୍ୟ ପାଖ ପଡୋଶୀ। ପ୍ରଲମ୍ବିତ ଜୀବନ କାଳରେ ସୁଖ ଦୁଃଖର ସମନ୍ୱୟ ତ ରହିବ । ସମସ୍ତଙ୍କ ଜୀବନରେ ଉଣା ଅଧିକେ ଉଭୟ ଅନୁଭୂତ ହେଉଥିବ। କିନ୍ତୁ ତାକୁ ଧୈର୍ଯ୍ୟର ସହ ସମ୍ମୁଖୀନ କରିବା ସମଭାବାପନ୍ନ ବ୍ୟକ୍ତିର ନିଦର୍ଶନ। ସେ ଦୃଷ୍ଟିରୁ ସୁକାନ୍ତି ମାଉସୀ ଅନୁଭବୀ । ତାଙ୍କ ଜୀବଦଶାରେ ସୁଖ ଅପେକ୍ଷା ଅଧିକ ଦୁଃଖ ଭୋଗି ଥିବାରୁ ପରିଣତ ବୟସରେ କେହି ତାଙ୍କୁ ଭାଙ୍ଗି ପଡ଼ିବାର ଦେଖି ନାହିଁ । ବରଂ ସମ୍ପର୍କୀୟ ମାନଙ୍କ ସୁଖ ଦୁଃଖ ରେ ଉପସ୍ଥିତ ରହି ସେ ନିଜର ଧୈର୍ଯ୍ୟ ଏବଂ ସନ୍ତୁଳିତ ମାନସିକତାର ପରିଚୟ ଦେଇଛନ୍ତି। ସେ ନିଜ ମନକୁ ଦୃଢ଼ କରି ନେଇ ଥାନ୍ତି । ଏବେ ଆଉ ଯେତେଦିନ ବଞ୍ଚିବେ ନିଜ ପାଇଁ ବଞ୍ଚିବେ । ହସ ଖୁସିରେ କାଳାତିପାତ କରିବେ । ଦୁଃଖ ଅନୁଶୋଚନାରେ ବୁଡ଼ି ରହି ବାକି ଜୀବନକୁ ବ୍ୟର୍ଥ କରିବେ ନାହିଁ । ସୌଭାଗ୍ୟ ବଶତଃ କିଛି ଦିନ ନିଜକୁ ଭୁଲାଇ ଦେବା ଭଳି ସୁଯୋଗ ପାଇଛନ୍ତି ରମେଶ ବାବୁଙ୍କ ଭଳି ଜଣେ ଭରସା ଯୋଗ୍ୟ ଭଡାଟିଆଙ୍କୁ ପାଇ।

+ଫ୍ଲାଟ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର, ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଶେଷ ଇସ୍ତାହାର

ପ୍ରଫୁଲ୍ଲ ବାରିକ



ଶେଷତ କହିବିନି, ଅନ୍ତତଃ ସମୟ ପରିପ୍ରେକ୍ଷିରେ, ସେଦିନ ଥିଲା ଆମର ଶେଷ ସାକ୍ଷାତ। ସମ୍ପୂର୍ଣ୍ଣ ଅପ୍ରତ୍ୟାସିତ ଓ ଆକସ୍ମିକ। ତମେ ଦିଶୁଥିଲ ନିଶାନ୍ତରେ ଥକ୍କା ଜହ୍ନପରି। ମୁଁ ବ୍ୟଗ୍ର ଶଶକଟିଏ। ତମେ ଫେରୁଥିଲ ଡିଉଟିରୁ । ମୁଁ ଧାଉଁଥିଲି ବାଲେଶ୍ୱରକୁ ଶେଷ ଟ୍ରେନ ଧରିବାକୁ। ଆଚାନକ ଭେଟାଭେଟି ରାଜମହଲ ଛକରେ । ଅନେଇ ରହିଥିଲେ ପରସ୍ପରକୁ ବେଶ କେଇ ମିନିଟ । ବୋଧେ ବିଶ୍ୱାସି ପାରୁ ନଥିଲେ ଆପଣା ଆପଣାର ଆଖିକୁ। କ'ଣ କିଏ ପଚାରିଲା,ଏବେ କିଛି ମନେ ପଡୁନି। ତମେତ ଆଗ କିଛି ପଚାରନା, କି କୁହନା କୌଣସି କଥାବି। ମୁଁ କହିଲେ ଯାଇ। ବୋଧହୁଏ ପଚାରିଥିବି ମୁଁ, କୋଉଠୁ ଆସୁଛ ? ତମେ ଉତ୍ତର ଦେଇଥିବ ଡିଉଟିରୁ। ତା ପରେ ତମ ପ୍ରଶ୍ନ ଥିବ, ତମେ ଏଠି କାଇଁକି ? ମୋର ଉତ୍ତର ଥିବ ଟ୍ରେନ ଧରିବି। ଆଉମାତ୍ର ପାଞ୍ଚ ମିନିଟ। ଗୋଟିଏ କାମନେଇ ଆସିଥିଲି ଭୁବନଶ୍ୱର। ତା ପରେ ବୋଧେ ନିରବ ଉଭୟେ । ଆଉ କ'ଣ ପଚରା ଯାଇପାରେ ଯା ପରେ? ମନରେ ପ୍ରଶ୍ନର ପାହାଡ଼ । ସେଥିରୁ ଗୋଡିଟିଏ ଉଠେଇବା ପରି ଉଭୟଙ୍କ ସ୍ଥିତି । ମୁଁ ହାତ ଉଠେଇ ଟା ଟା କରି ଚାଲିଲି ଆଗକୁ । ତମେ ହାତ ନଉଠେଇ ଛୋଟ ଟା ଟା ର ମୁଦ୍ରାଟିଏ ଫିଙ୍ଗିଲ ମୋତେ । ଡଗଡଗ ହେଇ ମୋ ପାଦ ପଡୁଥିଲା ଷ୍ଟେସନକୁ । ତମେ ପାଦ ଟାଣି ଟାଣି ଆଗଉଥିଲ ରମାଦେବୀ ରାସ୍ତାରେ । ମଝିରେ ମୁଁ ବୁଲି ଚାହିଁଲି । ତମେବି ବୋଧେ ଅନଉଥିଲ । ଗାଡ଼ି ମୋଟର ମଣିଷଙ୍କ ଭିଡ଼ ଆମ ଦୃଷ୍ଟିକୁ ବାଧା ଦଉଥିଲା । ତା ପରେ ମୁଁ ପ୍ରବେଶ କଲି ଷ୍ଟେସନକୁ ଓ ତମେ ହଜିଗଲ ମୋ ଦୃଷ୍ଟିରୁ ।

ଟ୍ରେନ ଆସିଥିଲା ସାଥେସାଥେ । ଟ୍ରେନରେ ବସି ମୁଁ ଭାବୁଥିଲି । କେଡେ ସୁନ୍ଦର ମୁହୂର୍ତ୍ତଟି ହାତଛଡା ହେଲା । ଅନ୍ତତଃ କୋଉ ହୋଟେଲରେ ବସି କପେକପେ ଚାଆର ସାହାରାରେ ଗପି ହେଇଥାଆନ୍ତା ଘଣ୍ଟାଏ କି ଅଧଘଣ୍ଟା । ଢେରଦିନ ପରେ ଦେଖା । କିଛି ହେଲାନି । ହେବାକୁ ଦେଲାନି ସମୟ । କାଇଁକି କିଜାଣି, ଆରମ୍ଭରୁ ସମୟ ମୋ ସହ ଭିଲିଆନି କରି ଚାଲିଛି । ପାଦେବି ଦଉନି ଆଗକୁ ଯିବାକୁ ।

ବାଣୀବିହାର ଛାଡୁଛାଡୁ କର୍ମରେ ନିଯୁକ୍ତ ଉଭୟେ । ତମେ ପାଇଲ ତମ ଇପ୍ସିତ ସ୍ଥାନ ସେକ୍ରେଟାରିଏଟରେ । ମୁଁ ଆସିଲି ବାଲେଶ୍ୱର ବ୍ୟାଙ୍କରେ ପାଇ । ଦୁଇଟି ପଟ୍ରି ଜଙ୍କସନ ପରେ ହେଇଗଲା ଅଲଗା । ଯଦିଚ ଲକ୍ଷ୍ୟ ଏକ ଦିଗରେ, ଏଣିକି ଗତି ସମାନ୍ତରାଳରେ । ଆଉ ରହିଲାନି ସମ୍ପର୍କ । ଇମିତିକି ଆଜିଯାକେ । ତମେ ଧାଇଁଲ ତମ ରାସ୍ତାରେ । ମୁଁ ମୋ ରାସ୍ତାରେ । ସାଥିରେ ରହିଲା ବାଣୀବିହାରର ସ୍ମୃତି । ବାସ, ସେତିକି ସମ୍ବଳ । ସେଇ ସ୍ମୃତିରେ ଜୀବନ ଏବେ । ତମ ଭାବନାବି ଏଇଆନା ? ନା ଅନ୍ୟ କିଛି ? ସେତେବେଳେ ଏକା ସବଜେକ୍ଟରେ ଥିଲା ବନ୍ଧୁତା । ସାଧାରଣ ବନ୍ଧୁତାରୁ ପ୍ରାୟ ଆମେ ଆଗେଇ ଯାଇଥିଲେ ଆଉ ଦି'ପାଦେ । ଅବଶ୍ୟ ମାନସିକ ସ୍ତରରେ । ମୋ କଥା କହୁଛି ମୁଁ । ତମର ଜାଣେନା। ତମେ ସେଇଆତ ? ନା ମୁଁ ଭୁଲ କହିଲି ? ସହପାଠିରୁ ଅଧିକ ପାଦେବି ଆଗକୁ ଯିବାକୁ ବିବେକ ବାରଣ କରୁଥିଲା । ସେମିତିରେ କଟିଗଲା ସ୍ୱର୍ଣ୍ଣିମ ବର୍ଷ ଦୁଇଟି । ହେଇଗଲେ ଅଲଗା ।

ଏବେ ଦୂରରୁ ଥାଇ ମନକୁ ଆସୁଛି କେତେ କଥା । କହିତ ପାରି ନଥିଲି । ଏବେ କହିବାକୁ ସାହାସ କରୁଛି । ଏଥିପାଇଁଯେ ନକହିଲେ ପରେ ହୁଏତ ପସ୍ତେଇବି। ମୋ ପୌରୁଷ ଧିକ୍କାରିବ ମୋତେ । ଯାହା କହିବି ମୁଁ'ଇ କହିବି ଆଗ । ତମେତ କେବେ ମୁହଁ ଖୋଲିବନି ମୁଁ ଜାଣେ । ସେଥିପାଇଁ ପ୍ରସ୍ତାବ ମୋର । କଥା କଣକି, ତମ ପ୍ରତି ମନରେ ଆବେଗ ମୋର ବଢ଼ି ଚାଲିଛି । ଭଲ ପାଇବାର ବୀଜତ ବପନ ସରିଥିଲା ବାଣୀବିହାରରୁ । ଏବେ ତାହା ଅଙ୍କୁରିତ ହେଇ ପତ୍ରାୟିତ । ଆମେ ବାହା ହେଇଗଲେ କିମିତି ହୁଅନ୍ତା ? ଭାବୁଛି ଖୁବ ଭଲ ହୁଅନ୍ତା । ମୋତେ ବୋଧେ ମିଳନ୍ତା ଆକାଶରୁ ଚାନ୍ଦ । ସେଇ ମନସ୍କତାରେ ଏବେ ବିତୁଛି ମୋର ଦିନରାତି ।



ଗାଁ'ରେ ବାପା ବୋଉ ବୟସ୍କ ହେଉଛନ୍ତି । ମୋ କାମ ଯିମିତି ହେଲେ ସାରିବେ ଏବର୍ଷ । ତମସହ ନହେଲେ ହେବ ଆଉ କୋଉଠି । ତମେ ଝିଅ ପିଲା । ତମରବି ବୟସ ହେଉଛି । ଚାକିରୀ ପାଇବା ପରେ ନିଶ୍ଚିତ ଛାଡିବେନି ବାପା ମାଆ । କରିଦେଇ ତାଙ୍କ ଦାୟିତ୍ୱ ହଟେଇବେ। ମୋସହ ନହେଲେ ତମେବି ସିମିତି ଯିବ ଆଉ କୋଉଠିକୁ । ଦେଖ, ଚିନ୍ତାକର । ଯଦି ହେଇପାରେ, ନହେବ କାଇଁକି ? କ୍ଷତି କଣ ? ଭାବୁଥିବ କେଡେ ସହଜରେ କହିପାରୁଛି ମୁଁ ଏଡ଼େବଡ଼ କଥା । ସତରେ,କଥାଟା ସହଜ ଲାଗିଲେବି ସହଜ ନୁହେଁ । ତମକୁ ଜାଣିଥିଲେବି, ଜାଣେନା ତମ ମନକୁ । ମାପିନି ତାର ଗଭୀରତାକୁ । ସେ ଦୃଷ୍ଟିରୁ ଇଏ ପ୍ରସ୍ତାବ ମୋର । ହେଲାତ ବହୁତ ଭଲ । ନ ହେଲାତ ଦୁଇ ସମାନ୍ତରାଳ ପଟ୍ରିପରି ହେବ ଜୀବନ ଆମର । ନା ଆସିବ ଜଙ୍କସନ, ନା ମିଶିବା ଆମେ । ଅବଶିଷ୍ଟ ଜୀବନରେ ସ୍ମୃତିଇ ରହିବ ସାଥିହେଇ । ତମେ ସ୍ମୃତି ଚାହଁ, ନା ସତ୍ୟତା ? । ମୁଁ କିନ୍ତୁ ରହିଲି ଅପେକ୍ଷାରେ । ଅନ୍ତତଃ ଆଗାମି ଲଗ୍ନଯାକେ । ଧରି ନେଇପାର ଇଏ ମୋ ମନର ଶେଷ ଇସ୍ତାହାର । ଆଜି ପାଇଁ ବାଏ.... ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

# ଭାବନା

ସତ୍ୟନାରାୟଣ ପ୍ରଧାନ



ସେଦିନ ଥିଲା ଆଇଁଷବାର ବଡ଼ ପୁଅର ଅଫିସ୍ ଛୁଟି ଥିବାରୁ ସକାଳୁ ବଜାରରୁ ରୋହି ମାଛ କିଣି ଘରକୁ ଫେରିଥିଲା। ଅନେକ ଦିନ ତଳୁ ଓଷା ବ୍ରତ ଘରେ ସ୍ତ୍ରୀ ଲୋକମାନେ ପାଳିଥିବାରୁ ପାଟିରେ ଆଇଁଷ ବାଜି ନ ଥିଲା। ଆଜି ଟିକେ ଭଲରେ ରାନ୍ଧିବା ପାଇଁ କଡ଼ା ଗଳାରେ ସେ ପତ୍ନୀଙ୍କୁ ଜଣାଇ ଗାଁ ଆଡ଼େ ବୁଲିବାକୁ ଚାଲି ଯାଇଥିଲା। ଖରାବେଳେ ସାଙ୍ଗ ସାଥୀରେ ଗପ କରି ଫେରିଲା ବେଳକୁ ବିଳମ୍ବ ହୋଇଯାଇଥିଲା। ସେତେବେଳକୁ ମାଛ ରନ୍ଧା ସରି ଘରେ ବାପା ମାଆଙ୍କର ଖିଆ ପିଆ ସରି ଯାଇଥିଲା।

ପରିବାରର ମୁରବି ବୁଢ଼ା ବାପା ଜଣଙ୍କର ବୟସ ଅଧିକ ହୋଇଥିବାରୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଆଶା କରି ମାଛ ତରକାରି ମାଗିବାଟା ସ୍ୱାଭାବିକ ଥିଲା। ପୁଅ ମୁହଁ ହାତ ଧୋଇ ବଡ଼ ସରାଗରେ ଖାଇବା ନିକଟରେ ବସିଲା ବେଳକୁ ଭାତ ଥାଳି ପାଖରେ ମୁଣ୍ଡ ଫାଳେ ଆଉ ବକଟେ ଲାଞ୍ଜ ଥୁଆ ହୋଇଥିଲା। ସେ ଘର ଭିତରୁ ପତ୍ନୀଙ୍କୁ ଡାକି ଆଉ ଅଛି କି ନାହିଁ ବଡ଼ ପାଟିରେ ପଚାରି ଥିଲେ। ସେ ବାପାଙ୍କ ମାଗିବାକୁ ମନା କରି ନ ପାରି ତୁମ ଭାଗରୁ ଦେଇଥିଲି ବୋଲି ଭୟରେ ମୁଣ୍ଡ ତଳକୁ କରି କହିଥିଲା।

ସେ ଏ କଥା ଶୁଣିବା ପରେ ରାଗ ଶାନ୍ତ କରି ନ ପାରି ସିଧା ଭାତ ଥାଳି ପାଖରୁ ଉଠି ବାପାଙ୍କ ନିକଟକୁ ଧାଇଁ ଯାଇଥିଲା। ଘର ଭିତରୁ ବାପା ତାର ବୋଉକୁ ଏତେଦିନ ପରେ ବୋହୂଠାରୁ ପେଟ ପୁରା ମାଛ ତରକାରି ଖାଇ ମୋର ଆତ୍ମା ଶାନ୍ତି ହୋଇଗଲା ସେ ଦୁହିଁଙ୍କୁ ଭଗବାନ ଭଲରେ ରଖନ୍ତୁ ଖାଲି ଏତିକି ମୋର ଗୁହାରି । ବାହାରେ ଠିଆ ହୋଇ ପୁଅ ଏ ସବୁ ଶୁଣିବାକୁ ପାଇଥିଲା। ବାପାଙ୍କର ପଦେ କଥା ଶୁଣିବା ରାଗ ତାର ଶାନ୍ତ ହୋଇ ଭାବନା ପୁରା ବଦଳି ଯାଇଥିଲା। ଭଲମନ୍ଦ ଟିକେ ବାପା ମାଆ ମାନେ ମାଗି ଯାଚି ଖାଇଦେଲେ ପୁଅବୋହୂ ମାନେ ସେମାନଙ୍କୁ ମନ ଇଚ୍ଛା ଗାଳି ଗୁଲଜ କରିବାକୁ ପଛାନ୍ତି ନାହିଁ । ସେମାନେ ଖାଇଥିବା ଅମୃତ ବିଷ ତୁଲ୍ୟ ପାଲଟି ଯିବାକୁ ବେଶି ସମୟ ଲାଗେ ନାହିଁ ଆଉ ତା ବଦଳରେ ସେମାନଙ୍କ ଆଖିରୁ ଝରୁଥିବା ଅଦେଖା ଲୁହ ଗୁଡାକ ପରୋକ୍ଷରେ ଦୁଃଖ ଛିଡା କରିଥାଏ ଯାହା ପୁଅ ବୋହୂ ମାନେ ହୃଦୟଙ୍ଗମ କରିବା ନିହାତି ଦରକାର ।

ସେ ସେଠାରୁ ଚାଲି ଆସିବା ଦେଖି ପତ୍ନୀ ଜଣଙ୍କ ଚିନ୍ତାରେ ପଡ଼ି ଯାଇଥିଲେ କାଳେ କିଛି ଅଘଟଣ ଘଟିବ ବୋଲି । କିନ୍ତୁ ପ୍ରକୃତରେ ତାହା କିଛି ଘଟି ନ ଥିଲା ବୟସର ଅପରାହ୍ନରେ ବାପା ମାଆଙ୍କୁ ଟିକେ ଖୁସି ଦେଇ ଥିବାରୁ ପୁଅ ନିଜକୁ ଭାଗ୍ୟବାନ ମନେ କରୁଥିଲା । ସେମାନଙ୍କ ବାକି ଇଚ୍ଛାକୁ ପୂରଣ କରିବାକୁ ପଡ଼ିଲେ କେବେ ପଛଘୁଞ୍ଚା ଦେବାକୁ ନ ପଡୁ ବୋଲି ଠାକୁରଙ୍କୁ ପ୍ରାର୍ଥନା କରୁଥିଲା ।

+ଅଣ୍ଟିଆ, ଜେନାପୁର, ଯାଜପୁର
ପିନ୍- ୭୫୫୦୨୩
ମୋ: ୯୧୭୮୩୧୩୬୪୪

# ଡାଲମିଆ ସିମେଣ୍ଟକୁ ଦିଆଯାଇଥିବା ଏନଓସିକୁ ବାତିଲ୍ କଲା ପୌରପାଳିକା

ରାଉରକେଲା, ୦୧/୧୨ (ନି.ପ୍ର): ରାଜଗାଙ୍ଗପୁର ଡାଲମିଆ ସିମେଟ କୁ କନଭେୟର ବେଲ୍ଟ ପୌରପାଳିକା ରାସ୍ତାର ଉପର ଭାଗରେ ନେବାଲାଗି ଯେଉଁ ଅନୁମତି ଏନଓସି ରାଜଗାଙ୍ଗପୁର ପୌରପାଳିକା ଦେଇଥିଲା ତାକୁ ବାତିଲ କରାଯାଇଛି, ଏନେଇ ଏକ ଚିଠି ଗତକାଲି ସନ୍ଧ୍ୟାରେ ପୌରପାଳିକା ପକ୍ଷରୁ ଡାଲମିଆ ସିମେଟ କୁ ପ୍ରଦାନ କରାଯାଇଛି। ବିବରଣୀରୁ ପ୍ରକାଶ ଯେ, ଗତ ୨୬ ତାରିଖ ଦିନ ୩ ଟାରେ ପୌରପାଳିକା ରାସ୍ତା ମାଟି ଗେଟ ଉପର ଭାଗରେ ଗୋଟିଏ ୟୁନିଟ ରୁ ଅନ୍ୟ ୟୁନିଟ କୁ ଡାଲମିଆର ମାଲ ପରିବହନ ଲାଗି ଯାଇଥିବା ୩ଟି କନଭେୟର ବେଲ୍ଟ ଭିତରୁ ଗୋଟିଏ ଭୁଶୁଡି ପଡିଥିଲା, ଏଥିଲାଗି ଲୋକେ ୨ ଦିନ ଧରି ସେ ରାସ୍ତାଦେଇ ଯାଇପାରୁନଥିଲେ। ଘଟଣାକୁ ନେଇ ସହରବାସୀ ଆତଙ୍କିତ ହୋଇପଡିବା, ବିଧାୟକ ଏନେଇ ବିଧାନ ସଭାରେ ପ୍ରଶ୍ନ କରିବା ପରେ ସବୁ ଦିଗକୁ ଦୃଷ୍ଟି ଦେଇ ପୌରପାଳିକାର କାଉନଶିଲର ପୁର୍ଣ୍ଣ ଚନ୍ଦ୍ର ରାଉତ ତୁରନ୍ତ ଏହାର ଏନଓସି ବାତିଲ ଲାଗି ଦାବି କରିଥିଲେ ଫଳରେ ଏ ନେଇ ଅଧକ୍ଷ ପୂର୍ବରୁ ଦିଆଯାଇଥିବା ଏନଓସି ନମ୍ବର ୨୨୫ ତା ୨୨/୧/୨୦୧୫ କୁ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳ ସ୍ୱରୂପ ଗତକାଲି ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହା ଛଡା ଏଭଳି ଦୁର୍ଘଟଣା ଲାଗି ଲୋକେ ଆତଙ୍କିତ ହୋଇ ପଡିଛନ୍ତି, ବିପଦପୁର୍ଣ୍ଣ ଭାବେ ଡାଲମିଆ କାମ କରୁଛି, ତେଣୁ ଅନ୍ୟ ଦୁଇଟି ବେଲ୍ଟ ଲାଗି ଦିଆଯାଇଥିବା ଅନୁମତିକୁ କାହିଁକି ବାତିଲ କରାନଯିବ ତାର ଉତର ୧୫ ଦିନ ଭିତରେ ରଖିବାକୁ ଡାଲମିଆ ମୁଖିଆଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଖବର ପ୍ରଚାରିତ ହେବାପରେ ସହରରେ ଖୁସିର ବାତାବରଣ ଦେଖାଯାଇଛି ଓ ତୁରନ୍ତ ଅନ୍ୟ ଦୁଇଟି ବେଲ୍ଟ କୁ ହଟାଇବା ଲାଗି ଦାବିହୋଇଛି। ଏଭଳି ସ୍ଥିତିରେ ଦୀର୍ଘ ଦିନରୁ ସହରରେ ମନ ମାନି ଚଳାଇଥିବା ଡାଲମିଆ ବିରୋଧରେ ଲୋକେ ଓ ଗ୍ରାମବାସୀ ଏକତ୍ରିତ ହେଉଥିବା ଖବର ମିଳିଛି।

# ବ୍ଲକ୍ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ



ବାସୁଦେବପୁର, ୦୧/୧୨ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ବ୍ଲକ୍ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଅଟଳ ବିହାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ରାଉତ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଓ କବି ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ମହାକୁଡ଼ , ଶିକ୍ଷକ ବିକାଶ ଚନ୍ଦ୍ର ବିଶ୍ୱାଳ, ଶଶଧର ମହାଳିକ, ସୁଚିସ୍ମିତା ସେନାପତି, ରଶ୍ମିତା ବିଶ୍ୱାଳ ପ୍ରମୁଖ ସଭା ପରିଚାଳନା କରିବାରେ ସହଯୋଗ କରିଥିଲେ । ବାସୁଦେବପୁର ବ୍ଲକ ର ସମୁଦାୟ ୧୬୫ ଜଣ ଛାତ୍ର ଛାତ୍ରୀ ଏହି ପ୍ରତି ଯୋଗି ତାରେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତି ଯୋଗିତା ରେ ତିନି ଜଣ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । କୁମାର ପୁର ହାଇସ୍କୁଲ୍ ପଢୁଆଁ ର ଛାତ୍ର ନିହାର ରଞ୍ଜନ ପଣ୍ଡା ପ୍ରଥମ, ଜୟକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପଦ୍ମପୁର ର ଛାତ୍ର ତନ୍ମୟ ଦାସ ଦ୍ୱିତୀୟ ଓ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବେତଡା ର ଛାତ୍ର ଦିବେଶ କୁମାର ପଣ୍ଡା ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । ଏହି ସଭାରେ କିଶୁ ଚରଣ ଉଚ୍ଚ ବିଦ୍ୟାଳୟ ଚୂଡ଼ାମଣି ର ଶିକ୍ଷକ ସୁବଳ ଦାସ, ହୁମା ଖାନ୍ଏବଂ ପଞ୍ଚାୟତ ହାଇସ୍କୁଲ୍ ବିନାୟକପୁର ର ଶିକ୍ଷୟତ୍ରୀ ରଶ୍ମିତା ଦାସ ଯୋଗ ଦେଇଥିଲେ।

## ଶିଶୁ ବିକାଶ କେନ୍ଦ୍ରର ବିବିଧ କାର୍ଯ୍ୟକ୍ରମ

ବଲାଙ୍ଗିର, ୦୧/୧୨ (ନି.ପ୍ର): ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଶୁ ବିକାଶ କେନ୍ଦ୍ର ର ୪୦ତମ ପ୍ରତିଷ୍ଠା ବର୍ଷ ଅବସରରେ ଖୁଜେନପାଲି ସରକାରୀ ଉ.ପ୍ରା. ବିଦ୍ୟାଳୟରେ ବିବିଧ କାର୍ଯ୍ୟକ୍ରମ ସଭାପତି ମଦନ ମୋହନ ରଥ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିବେଶ ସୁରକ୍ଷା ଉପରେ ଓ ଡା. ଅଶୋକ କୁମାର ସେଠୀ ସମ୍ମାନିତ ବକ୍ତାଭାବରେ ଯୋଗ ଦେଇ ଶିଶୁ ସ୍ୱାସ୍ଥ୍ୟ ରକ୍ଷା ଉପରେ ସଚେତନ କରାଇଥିଲେ । ସଂପାଦକ ମଧୁ ସାହୁ କୁଇଜ କାର୍ଯ୍ୟକ୍ରମ ଓ ପରିଚାଳନା କରିଥିଲେ । ବିଦ୍ୟାଳୟର ଚଳିତ ବର୍ଷର ଉତମ ଛାତ୍ରୀ ଭାବରେ କୁମାରୀ ନୈନା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବାଳଗୋପାଳ ସିଂନିନା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷୟତ୍ରୀ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ସମସ୍ୟାର ସମାଧାନର ପ୍ରୟୋଗଶାଳା ଓଡ଼ିଆ ଭାଷା ସାହିତ୍ୟରେ ଅଛି: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ୨୦୩୬ ସୁଦ୍ଧା ଓଡ଼ିଶାକୁ ପୃଥିବୀର ଅଗ୍ରଣୀ ଅଞ୍ଚଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ କରିଛନ୍ତି । ତାଙ୍କ ଆହ୍ୱାନ କ୍ରମେ ଆମେ ସମସ୍ତେ ନିର୍ଦ୍ଧାରିତ ସମୟ ସୁଦ୍ଧା ଗଣକବି ବୈଷ୍ଣବ ପାଣି ଏବଂ ଓଡ଼ିଶାର ମହାପୁରୁଷଙ୍କ ବିଚାର ଆଧାରରେ ଓଡ଼ିଆ, ଭାଷା, ସଂସ୍କୃତି ତଥା ଓଡ଼ିଆ ଜାତିର ପୁନଃପରିଚୟ ତିଆରି କରିବା ପାଇଁ ଏକାଠି ହେବା । ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଶହେ ବର୍ଷ ପୂରଣ କରୁଥିବା ବେଳେ କିପରି ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ ହେବ ସେଥିପାଇଁ ସାମୂହିକ ଉଦ୍ୟମ କରିବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ବିଶ୍ୱ ସମସ୍ୟାର ସମାଧାନର ପ୍ରୟୋଗଶାଳା ଓଡ଼ିଆ ଭାଷା ସାହିତ୍ୟରେ ଅଛି ବୋଲି ସେ କହିଛନ୍ତି । ଶନିବାର ଭୁବନେଶ୍ୱର ଠାରେ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଐତିହାସିକ ଜୟନ୍ତୀ ମହୋତ୍ସବର ଉଦଯାପନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଉ ପ୍ରାୟ ୧୨ ବର୍ଷ ପରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶା ଶହେ ବର୍ଷ ପୂରଣ କରିବ । ଏହି ସମୟ ଅବଧି ମଧରେ ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ଅଞ୍ଚଳ କରିବା ପାଇଁ ଆବାଳବୃଦ୍ଧବନିତାଙ୍କୁ ଖୋଦ୍ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ଆଗାମୀ ୧୨ ବର୍ଷ ସବୁ ଓଡ଼ିଆଙ୍କ ପାଇଁ ଏକ ସୁବର୍ଣ୍ଣ ଅବସର । ତେଣୁ ଓଡ଼ିଆ, ଭାଷା, ସଂସ୍କୃତି ଓ ଜାତିର ପୁନଃ ପରିଚୟ ତଥା ଜବଜାଗରଣ ସୃଷ୍ଟି କରିବା ପାଇଁ ଏକାଠି ହେବାକୁ ଓଡ଼ିଆ ସମାଜକୁ ସେ ଆହ୍ୱାନ କରିଛନ୍ତି । ଶ୍ରୀ ପ୍ରଧାନ 'ଗୀତିନାଟ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ' ଗଣକବି ବୈଷ୍ଣବ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି ଯେ ଓଡ଼ିଆ ମହାପୁରୁଷଙ୍କ ସ୍ମୃତିଚାରଣ କରାଗଲେ ମୋ ଭଳି ସାଧାରଣ ଲୋକଙ୍କ ମନରେ ବହୁତ ଉତ୍ସାହ ବଢିଥାଏ । ମାହାଙ୍ଗା ମାଟିର ସୁପୁତ୍ର ତଥା ଗଣମାନସର କାଳଜୟୀ ସ୍ରଷ୍ଟା ବୈଷ୍ଣବ ପାଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିଷଦ ପକ୍ଷରୁ ୧୪ ଦିନ ବ୍ୟାପୀ ଐତିହାସିକ ଜୟନ୍ତୀ ସମାରୋହ ଆୟୋଜନ ହେବା ପ୍ରଶଂସନୀୟ । ଗଣକବି ତାଙ୍କ ଗୀତିନାଟ୍ୟରେ ରାମାୟଣ, ମହାଭାରତ, ଗଣ ଜୀବନର କଥା କହିଛନ୍ତି । ଜାତି-ଅଜାତିର କଥା ସହ ଧର୍ମ ଓ ଅଧର୍ମ, ସମାଜ ସଂସ୍କାର କଥା କହିଛନ୍ତି । ହଜାର ହଜାର ବର୍ଷର ସାହିତ୍ୟକୁ କଣ୍ଠସ୍ଥ କରି ଲୋକଭାଷାରେ ପ୍ରଦର୍ଶିତ କରିବା ତାଙ୍କର ମହାନ ମୂଲ୍ୟବୋଧକୁ ଦର୍ଶାଉଛି । ଓଡ଼ିଆ ଜନଜୀବନରେ ତାଙ୍କର ଦୁର୍ମୂଲ୍ୟ ବିଚାର ଯୁଗ ଯୁଗ ଧରି ଆମ ସମସ୍ତଙ୍କୁ ପ୍ରେରଣା ଦେବ । କେବଳ ଏତିକି ନୁହେଁ ଗଣକବିଙ୍କ ଭଳି ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇଙ୍କ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ,ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' କାଳଜୟୀ ଉକ୍ତି ଜାତିସଂଘର କାନ୍ଥରେ ଲିପିବଦ୍ଧ ହୋଇରହିଛି । ବଳରାମ ଦାସ ଲକ୍ଷ୍ମୀ ପୁରାଣ ମାଧମରେ ଶ୍ରୀୟା ଚଣ୍ଡାଳୁଣୀର କଥା ଚରିତ୍ରକୁ ବର୍ଣ୍ଣନା କରି ଜାତିପ୍ରଥା ବିରୋଧର କଥା କହିଛନ୍ତି । ମାଣବସା ଗୁରୁବାର ଓଡ଼ିଆ ସଂସ୍କୃତିର ସଂସ୍କାର । ସ୍ୱଚ୍ଛତାର ସଂସ୍କାର ଏଥିରେ ଅନ୍ତର୍ନିହିତ । ଘର ସ୍ୱଚ୍ଛ ରହିଲେ ସମସ୍ତେ ସୁସ୍ଥ ରହିବେ, ଏହା ହେଉଛି ଆମର ଧାର୍ମିକ ପରମ୍ପରାର ବାର୍ତ୍ତା । କାଞ୍ଚି ସହ ଓଡ଼ିଆ ଲୋକଙ୍କ ସମ୍ପର୍କ ରହିଛି । କାଞ୍ଚିରେ ଓଡ଼ିଶାର ପୁରାତନ ତାଳପତ୍ର ପୋଥି ଅଛି । ଓଡ଼ିଶାର ଲୋକମାନଙ୍କର ଚିନ୍ତାଧାରା ବ୍ୟାପକ ଓ ବିଶାଳ ଥିଲା । ସମାଜ କଲ୍ୟାଣ ପାଇଁ ଆଗଭର ହୋଇଥିଲା । କଳିଙ୍ଗ ଯୁଦ୍ଧ ପରେ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲେ । ବାସ୍ତବରେ ଦେଖିବାକୁ ଗଲେ ଓଡ଼ିଆ ଲୋକଙ୍କ ଇଚ୍ଛାଶକ୍ତି ହିଁ ଅଶୋକଙ୍କୁ ଧର୍ମାଶୋକରେ ପରିବର୍ତ୍ତନ କରିବା ପାଇଁ ବାଧ କରିଥିଲା ବୋଲି ସେ କହିଛନ୍ତି । ଆଜିର ଏହି ମଞ୍ଚରେ ଉପସ୍ଥାପିତ ହୋଇଥିବା ଗଣକବିଙ୍କ ଦ୍ୱାରା ରଚିତ ପ୍ରସିଦ୍ଧ ଗୀତିନାଟ୍ୟ "ମହାଲକ୍ଷ୍ମୀ ପୂଜା"ର ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ । ନାଟକଟି ହୃଦୟସ୍ପର୍ଶୀ କହିବା ସହ ଶିଶୁ କଳାକାରମାନଙ୍କ ଅଭିନୟ ମନଛୁଆଁ ଓ ଜୀବନ୍ତ ଥିଲା ବୋଲି କହିଥିଲେ । ସେ ଆହୁରି କହିଥିଲେ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଝଲକ । ୨୦୩୬ରେ ଆମେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବାକୁ ଯାଉଛେ । ଏହି ସମୟରେ ସ୍କୁଲରେ ଗୀତିନାଟ୍ୟ ପରମ୍ପରାକୁ ବଢାଇବାକୁ ବଢିବ । ଏହି ଭବ୍ୟ ଐତିହାସିକ ସାରସ୍ୱତ ଓ ସାଂସ୍କୃତିକ ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ କରକମଳରେ ଗଣକବି ବୈଷ୍ଣବ ପାଣିଙ୍କ ଆତ୍ମ କାହାଣୀର ଓଡ଼ିଆ ଓ ଇଂରାଜୀ ଅନୁବାଦ ପୁସ୍ତକର ଲୋକାର୍ପିତ ହୋଇଥିବା ବେଳେ ଏହି ସାଧୁ ଉଦ୍ୟମ ପାଇଁ ଶ୍ରୀ ପ୍ରଧାନ ମାହାଙ୍ଗା ବିକାଶ ପରିଷଦର ଅଧକ୍ଷ ଓ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଗ୍ରାମୀଣ ଆବାସ ଯୋଜନା ଉପରେ ସମୀକ୍ଷା ବୈଠକ

ଜୟପୁର, ୦୧/୧୨ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ଆଜି ଗ୍ରାମୀଣ ଆବାସ ଯୋଜନା ଓ ଗ୍ରାମପଂଚାୟତ ବିକାଶ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଉପରେ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଏବିଡିଓ ମନୋଜ ନାୟକ, ଜିପିଓ ଭାଗିରଥି ନାୟକ, ସହକାରି ଯନ୍ତୀ ରଞ୍ଜିତା ରାଣି ପଣ୍ଡା ଓ ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମୀଣ ଆବାସ ଯୋଜନାରେ ନୂତନ ଭାବେ ହିତାଧିକାରିଙ୍କୁ ଅନ୍ତର୍ଭୂକ୍ତ କରାଯିବ । ଗ୍ରାମ ପଂଚାୟତର ବିକାଶ ନେଇ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଉପରେ ସମିକ୍ଷା କରାଯାଇଥିଲା । ବ୍ଲକ ଅଧିନରେ ଥିବା ୨୨ଟି ପଂଚାୟତ ପିଇଓ, ଏଡିଓ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଉଦ୍ୟାନ ବିଭାଗ ଲାଇନ ଡିପାର୍ଟମେଂଟର ଅଧିକାରି ମାନେ ଉପସ୍ଥିତ ଥିଲେ ।

# ନେତାଙ୍କ ପୁଅ ଆକ୍ରମଣରେ ଯୁବକ ଗୁରୁତର : ଅଭିଯୁକ୍ତ ଫେରାର୍

ଧର୍ମଶାଳା, ୦୧/୧୨ (ନି.ପ୍ର): ସାଧାରଣ ନିର୍ବାଚନ ପରେ ଅଶାନ୍ତ ହୋଇପଡିଛି ଯାଜପୁର ଜିଲା । ଗଲା କିଛି ଦିନ ହେବ ଶାସକ ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ ଚାଲିଛି ଆରୋପ, ପ୍ରତ୍ୟାରୋପ ଓ ଆକ୍ଷେପ । ବିରଜା ପ୍ରକଳ୍ପ ଓ ହାଟ ସହ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଉପରେ ହୋଇଥିବା ଆକ୍ରମଣ ନେଇ ଆଜି ପର୍ଯ୍ୟନ୍ତ ବିବାଦ ଲାଗି ରହିଛି । ଜିଲାର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ ବେହେବା ସହ ଘଟଣାରେ କ୍ରାଇକବ୍ରାଂଚ ତଦନ୍ତ ଜାରି ରହିଛି । ଏହି ଘଟଣାରେ ପ୍ରଶାସନ ଏକତରଫା କାର୍ଯ୍ୟାନୁଷ୍ଠାନ ନେଇଥିବା ବେଳେ ଯାହାକୁ ନେଇ ବିଜେଡି ଶାସକ ବିଜେପି ଦଳକୁ ଟାର୍ଗେଟ କରିଛି । ବିଜେପି ନେତାଙ୍କ ଶହ ଶହ ସମର୍ଥକ ହୋ ହାଲ୍ଲା କରିବା ସହ ଆକ୍ରମଣ କରିଥିଲେ । ତେବେ ଏହି ଘଟଣା ଶାନ୍ତ ପଡି ନ ଥିବା ବେଳେ ଜିଲାରେ ଆଉ ଏକ ଘଟଣା ଦେଖିବାକୁ ମିଳିଛି ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ । ଶୁକ୍ରବାର ରାତିରେ ବରୀ ନିର୍ବାଚନ ମଣ୍ଡଳୀ ବ୍ରହ୍ମବରଦା ଅଂଚଳର ବିଜେପି ନେତା ପ୍ରଦୀପ ଦାସଙ୍କ ପୁଅ ବବଲୁ (୩୦)ଙ୍କ ଆକ୍ରମଣରେ ଜଣେ ବ୍ରହ୍ମବରଦା ଅଂଚଳର ସୁକାନ୍ତ ବିଶ୍ୱାଳଙ୍କ ପୁଅ ସିପୁନ ଗୁରୁତର ଆହତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି ହୋଇଥିଲେ । ଏନେଇ ବ୍ରହ୍ମବରଦା ଥାନାରେ ଏତଲା ପରେ ପୋଲିସ ଏହି ଘଟଣାରେ କେସ୍ ନଂ ୨୩୪।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ପୋଲିସ ବିଜେପି ନେତାଙ୍କ ଘରେ ଚଢଉ କରିବା ସମୟରେ ବବ୍ ?ଲୁ ଫେରାର ହୋଇଯାଇଥିଲା । ତେବେ ତାଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଅଭିଯୋଗ ମୁତାବକ, ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ ବ୍ରହ୍ମବରଦା ସାପ୍ତାହିକ ହାଟ ନିକଟରେ ସୁକାନ୍ତଙ୍କ ପୁଅ ସିପୁନ ଝଁପଡା ଅଂଚଳର ଜଣେ ଯୁବକଙ୍କ ସହ ଫୋନରେ ବାର୍ତାଳପ କରୁଥିବା ସମୟରେ ବ୍ରହ୍ମବରଦା ଡିଅସାହି ଗ୍ରାମର ବିଜେପି ନେତା ପ୍ରଦୀପଙ୍କ ପୁଅ ବବଲୁ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲା । ସିପୁନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପଂହଚିବା ପରେ ତାଙ୍କୁ ପରିବାର ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ତାଙ୍କ ଡାହାଣ ଗୋଡରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି । ଏନେଇ ବ୍ରହ୍ମବରଦା ଥାନାରେ ବବଲୁଙ୍କ ନାମରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା । ପୋଲିସ ଏହି ଘଟଣାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଅଭିଯୋଗ ପରେ ପୋଲିସ ନେତାଙ୍କ ଘରେ ଚଢଉ କରିବା ସମୟରେ ତାଙ୍କ ପୁଅ ବବଲୁ ଫେରାର ହୋଇଯାଇଥିଲା । ସୂଚନା ଥାଉକି, ଗଲା ୩ ଦିନ ତଳେ ବ୍ରହ୍ମବରଦା ଅଂଚଳରେ ଏକ ଦୁର୍ଘଟଣା ଘଟଣାରେ ବବଲୁ ଥାନାକୁ ଯାଇଥିଲା । ସେହି ସମୟରେ ସେ ପୋଲିସକୁ ମାଡ ମାରି ଫେରାର ହୋଇଯାଇଥିଲା । ନେତାଙ୍କ ଚାପରେ ଏହି ଘଟଣାକୁ ଚପାଇ ଦିଆଯାଇଥିବା ବେଳେ ପୁଣି ଜଣେ ଯୁବକଙ୍କୁ ଆକ୍ରମଣ କରି ଲହୁଲୁହାଣ କରିବା ଘଟଣା ବ୍ରହ୍ମବରଦା ଅଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଆରଏସପିର ଇସ୍ପାତ ବିଦ୍ୟା ମନ୍ଦିରରେ ବାର୍ଷିକ ବିଜ୍ଞାନ, କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ




ରାଉରକେଲା, ୦୧/୧୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ବିଦ୍ୟା ମନ୍ଦିରରେ ନଭେମ୍ବର ୨୯ ତାରିଖରେ ବାର୍ଷିକ ବିଜ୍ଞାନ, କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ପି କେ ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦର୍ଶନୀର ଉଦଘାଟନ କରିଥିଲେ। ସହରସେବା ଶିକ୍ଷା ବିଭାଗର ଜିଏମ ଶ୍ରୀ ଅସୀମ ସାବତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୀଳଶୈଳ ମହାବିଦ୍ୟାଳୟର ରସାୟନ ବିଜ୍ଞାନର ରିଡର ଶ୍ରୀ ପି କେ ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଆଇଭିଏମର ଅଧକ୍ଷ ଡକ୍ଟର ଏସ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ପ୍ରଦର୍ଶନୀ ସ୍ଥଳୀକୁ ନେଇଥିଲେ ଯେଉଁଠାରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କ ପ୍ରକଳ୍ପ ବିଷୟରେ ବାର୍ତ୍ତାଳାପ କରିଥିଲେ ଏବଂ ସେମାନଙ୍କୁ ଉତ୍ସାହିତ କରିଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରଦର୍ଶନୀର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ୪୦ ଟି ବିଜ୍ଞାନ ପ୍ରକଳ୍ପ ଏବଂ ପ୍ରାୟ ୨୦ ଟି କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ ପ୍ରଦର୍ଶନ କରିଥିଲେ।

## ସ୍ୱାମୀ ପରମାନନ୍ଦ ସରସ୍ୱତୀଙ୍କ ୬୩ତମ ଜୟନ୍ତୀ ଉତ୍ସବ ପାଳିତ

ଗଞ୍ଜାମ, ୦୧/୧୨ (ନି.ପ୍ର): ଓଡିଶାର ସୁପ୍ରସିଦ୍ଧ ପ୍ରବଚକ ସ୍ୱାମୀ ପରମାନନ୍ଦ ସରସ୍ୱତୀ, (ପ୍ରଶାନ୍ତ କୁମାର ରଥ)ଙ୍କ ୬୩ତମ ଜୟନ୍ତୀ ଉତ୍ସବ ଆଜି ବ୍ରହ୍ମପୁର ଖଲିକୋଟ କଲେଜ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି । ଲାଫିଙ୍ଗ କ୍ଲବ ଓ ସିନିୟର ସିଟିଜେନ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ସ୍ୱାମିଜୀଙ୍କୁ ପୁଷ୍ପ ଗୁଚ୍ଛ ଓ ଅଂଗବସ୍ତ୍ର ଦେଇ ଦୀର୍ଘ ଜୀବନ କାମନା କରି ମହାମୃତ୍ୟୁଂଜୟ ମନ୍ତ୍ର ପାଠ କରିଥିଲେ । ଏହି ଅବସରରେ ସ୍ୱାମୀଜୀ ଡାକ୍ତର ହୃଷୀକେଶ ମହାନ୍ତିଙ୍କୁ ନିଜର ଶିଷ୍ୟ ରୂପେ ଗ୍ରହଣ କରି ପୂର୍ଣ୍ଣାନଂଦ ସରସ୍ୱତୀ ନାମରେ ସର୍ବସାଧାରଣରେ ପରିଚିତ କରାଇଛନ୍ତି। ଏହାକୁ ଉତ୍ସବରେ ସ୍ୱାଗତ କରାଯାଇଛି ଏବଂ ଫୁଲତୋଡା ସହ ସାଧୁ ପୋଷାକ ଅର୍ପଣ କରାଯାଇ ସଂବର୍ଦ୍ଧିତ କରାଯାଇଛି। ଉପସ୍ଥିତ ସମସ୍ତ ସଦସ୍ୟ ମାନଙ୍କୁ ସ୍ୱାମିଜୀ ବ୍ରହ୍ମପୁର ଗୋକୁଳ ଧାମରେ ଅର୍ଣ୍ଣ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାର ପ୍ଲେଟ୍ ମିଲ୍ ବିଭାଗରେ ପରିବର୍ଦ୍ଧିତ ଦକ୍ଷତା ଏବଂ ନିରାପତ୍ତା ନିମନ୍ତେ, ଇ ଓ ଟି କ୍ରେନ୍ ଉପରେ ଲେଜର-ଆଧାରିତ ଧକ୍କା ନିରୋଧୀ ଉପକରଣ ସ୍ଥାପିତ



ରାଉରକେଲା, ୦୧/୧୨ (ନି.ପ୍ର): ଯାନ୍ତ୍ରିକ ଉନ୍ନତିର ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ, ସେଲ ରାଉରକେଲା ଇସ୍ପାତ କାରଖାନାର ପ୍ଲେଟ୍ ମିଲ୍ (ଇଲେକ୍ଟ୍ରିକାଲ୍) ବିଭାଗର ସାମୂହିକଙ୍କ ଦ୍ୱାରା, ଇ ଓ ଟି କ୍ରେନ୍ ନମ୍ବର ୩୨୦ ଏବଂ ୩୨୧ ରେ ଲେଜର ଆଧାରିତ ଧକ୍କା ନିରୋଧୀ ଉପକରଣର ସ୍ଥାପନା କାର୍ଯ୍ୟକ୍ଷେତ୍ରର ସୁରକ୍ଷାକୁ ଆହୁରି ଉନ୍ନତ କରିଛି । ପ୍ଲେଟ୍ ମିଲ୍ ବିଭାଗର ପ୍ଲେଟ୍ ସ୍ଥାନାନ୍ତରଣ, ୱାଗନ୍ ଲୋଡିଂ ଏବଂ ରକ୍ଷଣାବେକ୍ଷଣ ଭଳି ଜଟିଳ କାର୍ଯ୍ୟଗୁଡିକ ପରିଚାଳନା କରିବା ଦିଗରେ ନିୟୋଜିତ ଏହି କ୍ରେନ୍ଗୁଡ଼ିକ ବର୍ତ୍ତମାନ ନୂତନ ସ୍ଥାପିତ ଉପକରଣଗୁଡ଼ିକ ଯୋଗୁଁ ସେଗୁଡ଼ିକର କାର୍ଯ୍ୟକ୍ଷମ ସୁରକ୍ଷା ବୃଦ୍ଧି ହୋଇଛି। ଏହି ଅତ୍ୟାଧୁନିକ ଲେଜର-ଆଧାରିତ ଧକ୍କା ନିରୋଧୀ ଉପକରଣ, ୧୦ ମିଟର ପର୍ଯ୍ୟନ୍ତ ନିୟନ୍ତ୍ରିତ ସେନ୍ସିଂ ଦୂରତା ଏବଂ ଇଣ୍ଟିଗ୍ରେଟେଡ୍ ଆଲାର୍ମ ସିଷ୍ଟମ ସହିତ ଅବସ୍ଥିତ ଯାହା ସମ୍ଭାବ୍ୟ ଧକ୍କାର ସଠିକ୍ ଚିହ୍ନଟ ଏବଂ ପ୍ରତିରୋଧକୁ ସୁନିଶ୍ଚିତ କରିବ। ଏହି ପଦକ୍ଷେପ କେବଳ ଉକ୍ତ ବିଭାଗ ର ସୁରକ୍ଷାକୁ ବଢାଇଛି ତା ନୁହେଁ ବରଂ ଆରଏସପିର ବ୍ୟୟ-ନିପୁଣତା ପାଇଁ ପ୍ରତିବଦ୍ଧତାକୁ ମଧ ହୋହାରାଇଛି। ଉଲ୍ଲେଖଯୋଗ୍ୟ ଯେ , ଏହି ଯନ୍ତ୍ର ଉପକରଣଗୁଡିକ ଏଚ ଏମ ଏସ -୧ ବିଭାଗ ର ନିଜସ୍ୱ ସମ୍ବଳରେ ପ୍ରସ୍ତୁତି କରାଯାଇଥିଲା, ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବା ସହିତ ନିଜସ୍ୱ ସମ୍ବଳ ବ୍ୟବହାରକୁ ସର୍ବୋଚ୍ଚ ଉପଯୋଗ କରିଥିଲା। କ୍ରେନ୍ ନମ୍ବର ୩୨୦ ଏବଂ ୩୨୧ ବ୍ୟତୀତ ଅନୁରୂପ ଉପକରଣ ଅନ୍ୟ ପାଞ୍ଚଟି କ୍ରେନ୍ ରେ ସଫଳତାର ସହିତ ସଂସ୍ଥାପିତ ହୋଇଛି ଯଦ୍ୱାରା ପ୍ଲେଟ୍ ମିଲ୍ ବିଭାଗ ରେ ସୁରକ୍ଷା ବଳୟ କୁ ଆହୁରି ସୁବିସ୍ତାର କରିଛି। ଧକ୍କା ନିରୋଧୀ ଉପକରଣର ସ୍ଥାପନ ଠାରୁ ଆରମ୍ଭ କରି ପୁଙ୍ଖାନୁପୁଙ୍ଖ ପରୀକ୍ଷଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକଳ୍ପ ପ୍ଲେଟ୍ ମିଲ୍ (ଇଲେକ୍ଟ୍ରିକାଲ୍) ବିଭାଗ ର ଜି ଏମ ଶ୍ରୀ ଦୀପ୍ତଙ୍କର ମହାପାତ୍ର ଙ୍କ ନେତୃତ୍ୱରେ ତଥା ପ୍ଲେଟ ମିଲ ବିଭାଗ ର ସି ଜି ଏମ ଶ୍ରୀ ଏତୱା ଓରାମ ଓ ପ୍ଲେଟ ମିଲ ଇଲେକଟ୍ରିକାଲ ବିଭାଗର ର ସି ଜି ଏମ ଶ୍ରୀ ଆର କେ ମୁଦୁଲି ଙ୍କ ମାର୍ଗଦର୍ଶନ ଏହାର ସଠିକତା ଏବଂ ଦକ୍ଷତା ସହିତ କାର୍ଯ୍ୟକାରୀ କରାଯାଇଥିଲା। ଏହି ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ପ୍ଲେଟ ମିଲ ଇଲେକଟ୍ରିକାଲ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଡି କେ ସାହୁ, ଜୁନିଅର ମ୍ୟାନେଜର ଶ୍ରୀ ବି ବରିସାଲ, ଏ ସି ଟି ଶ୍ରୀ ଅନୁରାଗ ଜନସନ ଟପ୍ପୋ ଏବଂ ଏମ ଓ ଏମ ଟି ଶ୍ରୀ ଟି ପି ପାଟୁଆ ସେମାନଙ୍କର ଅତୁଳନୀୟ ଉତ୍ସର୍ଗୀକୃତତା ଏବଂ ପାରଦର୍ଶୀତା ପ୍ରଦର୍ଶନ କରିଥିଲେ।

# କବି ଦିବାକର ଭୋଇଙ୍କ ପୁସ୍ତକ ଫିଙ୍କା ଫଗୁଣ ଓ ପ୍ରତିବିମ୍ବ ଉନ୍ମୋଚିତ




ବାସୁଦେବପୁର, ୦୧/୧୨ (ନି.ପ୍ର): ବାସୁଦେବପୁର ପ୍ରେସ କ୍ଲବ୍ ପରିସରରେ ବାଇ ଚଢେଇ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ବିଶିଷ୍ଟ କବି ଦିବାକର ଭୋଇଙ୍କ କବିତା ପୁସ୍ତକ ଫିଙ୍କା ଫଗୁଣ ଓ ପ୍ରତିବିମ୍ବ ଉନ୍ମୋଚିତ ହୋଇ ଯାଇଛି । ଏହି ଉତ୍ସବରେ ବରିଷ୍ଠ କବି ସୁଦର୍ଶନ ଅଗସ୍ତି ସଭାପତିତ୍ୱ କରିଥିଲେ । ଓଡ଼ିଶାର ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ, କବି ଡକ୍ଟର ହରିଶ୍ଚନ୍ଦ୍ର ବେହେରା, କବି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଏହି ସଭାରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରିଥିଲେ ଓ କବି ଦିବାକର ଭୋଇଙ୍କ କବିତା ଲେଖିବା ଶୈଳୀ କୁ ପ୍ରଶଂସା କରିଥିଲେ । କବି ଦିବାକର ଭୋଇ ନିଜର ଲେଖକୀୟ ଅଭିବ୍ୟକ୍ତି ବାଢ଼ିଥିଲେ । ଏହି ଅବସରରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଥିଲା । କବି ରତ୍ନାକର ପଣ୍ଡା, କବି କମଳାକାନ୍ତ କର, କବି ତପନ ମିତ୍ର, କବି ଅଭିମନ୍ୟୁ ସାହୁ, କବି ଶାନ୍ତିଲତା ପଣ୍ଡା, କୈଳାସ ଚନ୍ଦ୍ର ପାଢ଼ୀ, ମନୋରମା ନାୟକ, କୈଳାସ ପାଣିଗ୍ରାହୀ , ଅଧାପକ ବସନ୍ତ ଦାଶ ପ୍ରମୁଖ କବିତା ପାଠ କରିଥିଲେ । ବାଇ ଚଢେଇ ପତ୍ରିକାର ସମ୍ପାଦକ କବି ବିକାଶ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମୁକେଶ ଭୋଇ ଓ ବିନମ୍ର ଶତପଥୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବିଚ ଭଲିବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୬ କ୍ରୀଡ଼ାବିତ ସାମିଲ



ମୟୂରଭଞ୍ଜ, ୦୧/୧୨ (ନି.ପ୍ର): ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ବିଚ ଭଲିବଲ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୨୮ ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କ ମାର୍ଗଦର୍ଶନରେରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଙ୍କ ସହିତ ବାଳକ ଟିମ ମ୍ୟାନେଜର ଭାବେ ଠାକୁରମୁଣ୍ଡା ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ,ଠାକୁରମୁଣ୍ଡା ର ସୁବଳ ସେଠୀ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ଗୋପବନ୍ଧୁ ନଗର ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଆମରା ର ପିଇଟି ଲକ୍ଷ୍ମୀପ୍ରିୟା ମହାନ୍ତ ଙ୍କ ନେତୃତ୍ୱ ରେ ୬ ଜଣ କ୍ରୀଡ଼ାବିତ ଯୋଗ ଦେଇଛନ୍ତି । ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ସଞ୍ଜୟ କୁମାର ରାଉତ, ରାଧାକୃଷ୍ଣ ସାହୁ, କ୍ଷିତୀଶ ଦଳେଇ ଓ ବାଳିକା ବିଭାଗ ରେ ସୁମିତ୍ରା ସିଂ, ସୁଭାଶିନୀ ବେଶ୍ରା,ସୁଭଦ୍ରା ସୋରେନ । ଜିଲ୍ଲା ଶିକ୍ଷା କାର୍ଯାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନୀଳଗିରିର ନୂତନ ପରିଚାଳନା ସମିତି ଗଠିତ



ନୀଳଗିରି, ୦୧/୧୨ (ନି.ପ୍ର): ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ କୃଷ୍ଣଚନ୍ଦ୍ର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନୂତନ ପରିଚାଳନା କମିଟି ଗଠନ ପାଇଁ ଏକ ବୈଠକ ନୂତନ ନିର୍ବାଚିତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଯତିନ୍ଦ୍ର କୁମାର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ର ପ୍ରତିଷ୍ଠାତା ସ୍ୱର୍ଗତଃ ତ୍ରିଲୋଚନ ସାହୁ ଙ୍କ ବିୟୋଗ ପରେ କମିଟି ଗଠନ ପାଇଁ ଆବଶ୍ୟକ ଥିଲା ଶିକ୍ଷାକେନ୍ଦ୍ରର ସମ୍ବିଧାନ ଅନୁଯାୟୀ ଏହା ପ୍ରତ୍ୟେକ ତିନି ବର୍ଷରେ ଥରେ ଗଠିତ ହୁଏ ବୋଲି ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଭୋଳ ସୂଚନା ଦେବା ସହ ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ଅନୁରୋଧ କରିଥିଲେ। ତଦନୁଯାୟୀ ସର୍ବସମ୍ମତି କ୍ରମେ ଆଗାମୀ କାର୍ଯ୍ୟକାଳ ପର୍ଯ୍ୟନ୍ତ ସଭାପତି-ଶ୍ରୀଯୁକ୍ତ ଚିତ୍ତରଞ୍ଜନ ସାହୁ, ଉପସଭାପତି -- ଶ୍ରୀଯୁକ୍ତ ଦେବେନ୍ଦ୍ର ପଣ୍ଡା, ସମ୍ପାଦକ - ଶ୍ରୀଯୁକ୍ତ ସତ୍ୟବ୍ରତ ପଣ୍ଡା ଓ ସଦସ୍ୟ ଭାବେ ପ୍ରଧାନ ଆଚାର୍ଯ୍ୟ- ଶ୍ରୀଯୁକ୍ତ ଯତିନ୍ଦ୍ର ଭୋଳ, ଶିକ୍ଷିକା ପ୍ରତିନିଧି ଶ୍ରୀମତି ସତ୍ୟଭାମା ନାୟକ, ଅଭିଭାବକ ସଦସ୍ୟ ଭାବେ ଶ୍ରୀଯୁକ୍ତ ଶ୍ରୀମନ୍ତ ସ୍ୱାଇଁ, ଶ୍ରୀଯୁକ୍ତ ସୋମନାଥ ସିଂ ଓ ଶ୍ରୀମତି ରଶ୍ମିତା ପୃଷ୍ଟି, ଶିକ୍ଷାବିତ୍ ଭାବରେ ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଉପଦେଷ୍ଟା ଭାବରେ ଶ୍ରୀଯୁକ୍ତ ବିନୟ ପ୍ରଧାନ, ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ପରିଡ଼ା, ଶ୍ରୀଯୁକ୍ତ କହ୍ନେଇ ଚରଣ ସ୍ୱାଇଁ, ଶ୍ରୀଯୁକ୍ତ ଗିରିଶ୍ ଚନ୍ଦ୍ର ବେହେରା ଓ ସ୍ୱାସ୍ଥ୍ୟ ସେବକ ଶ୍ରୀଯୁକ୍ତ ମାୟାଧର ମହାନ୍ତି, ଦାତା ସଭ୍ୟା ଭାବେ ସୁବାସିନୀ ପାଣିଗ୍ରାହୀଙ୍କ ନାମ ଘୋଷଣା କରାଯାଇଥିଲା। ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଯୋଗେନ୍ଦ୍ର ଦାଶ ମହୋଦୟ ଏବଂ ପରିଷଦ ପ୍ରତିନିଧି ଶ୍ରୀଯୁକ୍ତ ରବିନାରାୟଣ ରାଉତ ମଧ୍ୟ ନିଜର ସୁଚିନ୍ତିତ ମତାମତ ଦେଇ ବିଦ୍ୟାଳୟର ଉନ୍ନତି ନିମନ୍ତେ ଅନେକ ବାର୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟରେ ସମସ୍ତ ଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ଏହାକୁ ସର୍ବସମ୍ମତ କ୍ରମେ ଗ୍ରହଣ କରିଥିଲେ। ନବନିର୍ବାଚିତ ସମ୍ପାଦକ ଶ୍ରୀଯୁକ୍ତ ସତ୍ୟବ୍ରତ ପଣ୍ଡାଙ୍କୁ ସମସ୍ତେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ କାର୍ଯ୍ୟକାଳରେ ଶିକ୍ଷା କେନ୍ଦ୍ରର ଉତ୍ତରୋତ୍ତର ଉନ୍ନତି ହେବ ବୋଲ ଆଶା ପ୍ରକାଶ କରିଛନ୍ତି।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ ପାଳିତ




ମଙ୍ଗଳପୁର, ୦୧/୧୨ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ କ୍ରସ ଏବଂ ରେଡ ରିବନ କ୍ଲବ ତରଫରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇ ଯାଇଛି। ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦିଶ ଚନ୍ଦ୍ର ବିଶ୍ୱାଳ ଏଥି ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ସଭାପତିତ୍ୱ କରି ଅଧିକାରର ସଠିକ ମାର୍ଗ ଅନୁସରଣ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇ ଥିଲେ। ଯୁବ ରେଡ କ୍ରସର ପରାମର୍ଶଦାତା ତଥା ଇଂରାଜୀ ବିଭାଗର ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି ସ୍ୱାଗତ ଭାଷଣ ଦେଇ ଏଡ୍ସ ରୋଗର କାରଣ, ନିରାକରଣ ଓ ଭୟାବହାତା ବିଷୟରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ବ୍ୟାପକ ସଚେତନତା ଓ ସତର୍କତା ଦ୍ୱାରା ଏହି ରୋଗକୁ ଦୁରେଇ ହେବ ବୋଲି ସେ କହିଥିଲେ। ଅଧ୍ୟାପିକା ଶ୍ରୀମତୀ ପୁଷ୍ପଲତା ପାତ୍ରୀ, ଅଧ୍ୟାପକ ଡକ୍ଟର ପଙ୍କଜ କୁମାର ଜେନା, ଡକ୍ଟର ସଂଗ୍ରାମ କୁମାର ରାଉତ ଓ ଡକ୍ଟର ସମ୍ବିତ କୁମାର ପଳିତା ଉପସ୍ଥିତ ସ୍ୱେଛାସେବୀ ଏବଂ ସମସ୍ତ ଛାତ୍ର, ଛାତ୍ରୀ ମାନଙ୍କୁ ସୁଚରିତ୍ର ଗଠନ କରିବା ପାଇଁ ଓ ନିଜର ବିବେକକୁ ପଚାରି ପ୍ରତ୍ୟେକ କାର୍ଯ୍ୟ କରବା ପାଇଁ ପରାମର୍ଶ ଦେଇଥିଲେ। ପରିଶେଷରେ ଡକ୍ଟର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଏବଂ ଯୁବ ରେଡ କ୍ରସର ସ୍ୱେଛାସେବୀ ମାନେ ସକ୍ରିୟ ସହଯୋଗ କରିଥିଲେ।

# ଚଳିତ ଆର୍ଥିକ ବର୍ଷରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଖୁବ୍ ଶୀଘ୍ର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଯୋଜନା ଲାଗୁ କରାଯିବ । ଖୁବ୍ ଶୀଘ୍ର ଗୋପବନ୍ଧୁ ଆରୋଗ୍ୟ ଯୋଜନା ସହ ଆୟୁଷ୍ମାନ ଭାରତ ଯୋଜନା ମିଳିତ ଭାବେ ଏମଓୟୁ ସ୍ୱାକ୍ଷର ହେବ। ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହା ସହ ସାଢ଼େ ୩ କୋଟି ଲୋକଙ୍କୁ ସ୍ୱତନ୍ତ୍ର କାର୍ଡ ଦିଆଯିବ। କାଶ୍ମୀର ରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ୨୭ହଜାର ହସ୍ପିଟାଲରେ ଏହାର ସୁଯୋଗ ପାଇବେ ।ଏହି ଆର୍ଥିକ ବର୍ଷରେ ଲାଗୁ ହେବ ଏହି ଯୋଜନା। ।

# ଶିକ୍ଷକ ବେଣୁଧର ଗିରିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ଜଳେଶ୍ୱର , ୦୧/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନସ୍ଥ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ପେଣ୍ଡରାସାହି ଯତୀନ୍ଦ୍ର ଗଜେନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩୨ବର୍ଷ ଧରୀ ବେଣୁଧର ଗିରି ଗଣିତ ଶିକ୍ଷକ ଭାବେ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦାନ କରିଆସୁଥିଲେ । ସେ ଛାତ୍ର ବତ୍ସଳ ଜଣେ ସୁମିଷ୍ଟ ଭାଷୀ ରୁପେ ଏ ଅଞ୍ଚଳରେ ପ୍ରିୟ ଜନ ହୋଇ ପାରିଥିଲେ ଆଜି ଶ୍ରୀ ଗିରି ବିଦ୍ୟାଳୟରୁ ଅବସର ନେଇ ଥିବାରୁ ଆଜି ତାଙ୍କ ଉଦ୍ଦଶ୍ୟରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀ , ଶିକ୍ଷା କର୍ମୀ ଛାତ୍ର ଛାତ୍ରୀ, ଓପରିଚାଳନା ପରିଷଦରେ ଆନୁକୁଲ୍ୟରେ ଏକ ସଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏହି ସଭାରେ ପ୍ରଧାନ ଶିକ୍ଷକ ଦେବବ୍ରତ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ର ନାଥ ସୀମାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗୀତାରାଣୀ ଦେ ,ମୁଖ୍ୟ ବକ୍ତା ଭାବେ ପୂର୍ବତନ ସି ଆର ସି ସି ବିଦ୍ୟାଧର ପାଢ଼ୀଯୋଗ ଦେଇଥିଲେ ସମ୍ମାନିତ ଅତିଥି ଭାବେ ସି ଆର ସି ସି ଗୌରୀ ଶଙ୍କର ପରିଡା, ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମହାନ୍ତି, ସରପଞ୍ଚ ଆଲୋକ କୁମାର ଗିରି, ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାମଲ, ବିଧାୟକ ପ୍ରତନିଧି ତ୍ରିଲୋଚନ ମଲ୍ଲିକ , ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରେବତୀ ଦାସ, ଶିକ୍ଷା କମିଟିର ସଭାପତି ସୁବୋଦ ମହାନ୍ତି ଗ୍ରାମର ଭଦ୍ର ବ୍ୟକ୍ତି ନବ କୁମାର ସାମଲ, ଶିବ ପ୍ରସାଦ ଘୋଷ, ପୂର୍ଣ୍ଣଚନ୍ଦ୍ର ଘୋଷ, ଅଲେଖ ଚନ୍ଦ୍ର ଘୋଷଯୋଗ ଦେଇଥିଲେ, ଶିକ୍ଷକ ଅମରେଶ ସାମଲ ମଞ୍ଚକୁ ଆହାନ କରି ଅତିଥି ପରିଚୟ ପ୍ରଦାନ କରିଥିଲେ ଉକ୍ତ କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ମୋନରଞ୍ଜନ ଜେନା , ସପନ କୁମାର ମିଶ୍ର, ଆଲୋକ କୁମାର କର, ତାରାକାନ୍ତ ବେହେରା, ଶିବାନୀ ମିର୍ଦ୍ଧା, ମେରି ସିଂ, ରାଧା ମାଧବ ଦାସ, ସନ୍ତୁଷ ବେ ହେରା, ଅଚ୍ୟୁତାନନ୍ଦ ଘୋଷ, ଓ ଛାତ୍ର ଛାତ୍ରୀ ମାନେ ସହଯୋଗ କହିଥିଲେ, ପୂର୍ବତନ ଛାତ୍ର ଗିରିଜା ଶଙ୍କର ଦାସ ଉପସ୍ଥିତ ରହିଥିଲେ ଶେଷରେ ବିଜ୍ଞାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।


Office of the Superintending Engineer,
Baisinga Canal Division, Laxmiposi, PIN-757107, Dist. - Mayurbhanj
Email ID: sebaisinga2022@gmail.com
***

TENDER CALL NOTICE NO.10/2024-25 OF SE, BCD, LAXMIPOSI

| | | |
|---|---|---|
| 1 | No. of Work | Total 21 nos. of work |
| 2 | Tender Amount | Ranging from Rs. 1,78,738.00 to Rs. 4,97,725.00 |
| 3 | E.M.D. | Ranging from Rs.1800.00 to Rs. 5000.00 |
| 4 | Period of Completion | 01(One) Month from the date of issue of work order. |
| 5 | Class of Contractor | Registered Agencies / Registered Firm with MSME / "D" Class or "C" Class Contractor / Registered Agencies having expertise in mechanical nature of work / Equivalent. |
| 6 | Date & Time of availability of bid document in the office of the undersigned | From 10.30 AM of 04.12.2024 to 5.00 PM of 13.12.2024 |
| 7 | Last date/time for receipt of bid in the office of the undersigned. | Upto 5.00 PM of 13.12.2024 |
| 8 | Date of opening of bid | 16.12.2024 at 11.30AM |
| 9 | Name & Address of the O.I. T. | Office Of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

Sd/-
Superintending Engineer,
Baisinga Canal Division,
Laxmiposi

OIPR: 32281/11/0008/2425


## ଡୁବୁଲିଆରେ ଯାତ୍ରା ଉତ୍ସବ

ବସ୍ତା, ୦୧/୧୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ କଇନଗରୀ ଗ୍ରାମ ପଞ୍ଚାୟତସ୍ଥ 'ଡୁବୁଲିଆ' ଗ୍ରାମର ମହାବୀର ଯାତ୍ରା କମିଟି ତରଫରୁ ମହାବୀର ଯାତ୍ରା ପଡ଼ିଆରେ ଦୁଇଦିନିଆ ଯାତ୍ରା (ନାଟକ) ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ କମର୍ଦ୍ଦାର 'ଅପେରା ଦାରୁବ୍ରହ୍ମ' ପ୍ରଥମ ରାତିରେ 'କନିଆ ସାଜିଛି କଣ୍ଢେଇ ରାଣୀ' ଓ ଦ୍ୱିତୀୟ ରାତିରେ 'କୋଟି ପୁଣ୍ୟ ବେଳେ ପାଇଲୁ ତୋତେ' ନାଟକ ପରିବେଷଣ କରିଥିଲେ । ଆଖପାଖ ଅଞ୍ଚଳରେ ହଜାର ହଜାର ଦର୍ଶକ ଏହି ନାଟକ ଦ୍ୱୟକୁ ମନଭରି ଉପଭୋଗ କରିଥିଲେ । ସମାଜସେବୀ ଗୋପୀକୃଷ୍ଣ ମହାନ୍ତି ଏହି ମେଳାରେ ଉପସ୍ଥିତ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମହାବୀର ଯାତ୍ରା କମିଟିର ସଭାପତି ସୁଶାନ୍ତ କୁମାର ଘରାଇ ଓ ସଂପାଦକ ନନ୍ଦ ଗୋପାଳ ମାନ୍ନାଙ୍କ ନେତୃତ୍ୱରେ ସୁବଳ ଚରଣ ମହାନ୍ତି, ବିକର୍ତ୍ତନ ଦାସ, ଅନାଦି ଦାସ, ମଧୁସୂଦନ ଖଟୁଆ, ପ୍ରଶାନ୍ତ ଦାସ, ରତ୍ନାକର ମହାମୁଡ଼, କାର୍ତ୍ତିକ ଦାସ, ବାବୁଧର ମହାନ୍ତି, ସନାତନ ମହାନ୍ତି ପ୍ରମୁଖ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କାହାକୁ ଜୟନାରାୟଣଙ୍କ...

ନିଜକୁ ତଡ଼ାଖିଆ ନେତା ବୋଲି କହିବା ସହ, ଦଳ ତାଙ୍କ ବିରୋଧରେ ଲୋକ ଲଗାଇଥିବା ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଜୟନାରାୟଣ। ଯାହା ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ପ୍ରଶ୍ନ ଉଠୁଛି ଦଳ ଭିତରେ ଅଣଦେଖା ହୋଇପଡ଼ିଛନ୍ତି କି ଜୟନାରାୟଣ? ସମୀର ଦେଙ୍କ ଭଳି ତାଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉ ନାହିଁ କି? ଜୟନାରାୟଣଙ୍କ ବିରୋଧରେ ଲୋକ ଲଗାଇଛି କି ଦଳ? କିଏ ଓ କେଉଁ ଉଦ୍ଦେଶ୍ୟରେ ଜୟଙ୍କୁ ବିତାଡ଼ିତ କରିବାକୁ ଚାହୁଁଛି? ବିଜେଡିକୁ କ୍ଷମତାଚ୍ୟୁତ କରି ବିଜେପି ସରକାରକୁ ଆସିବା ପରଠାରୁ, ଦଳର ନେତାମାନେ ବାରମ୍ବାର ବିରୋଧୀ ଦଳରେ ଗୋଷ୍ଠୀକନ୍ଦଳ କଥା କହିଆସିଛନ୍ତି । କିନ୍ତୁ ଭରାସଭାରେ ଜୟନାରାୟଣଙ୍କ କ୍ଷୋଭ, ଶାସକ ଦଳକୁ ଘେରିବା ପାଇଁ ବିଜେଡି ହାତରେ ମଉକା ଧରାଇ ଦେଇଛି । ଯାହାକୁ ହାତଛଡ଼ା କରି ନାହାନ୍ତି ବିରୋଧୀ ଦଳ ଉପନେତା। ବିଜେପିରେ ଅସନ୍ତୋଷର ନିଆଁ ଲାଗି ସାରିଥିବା ପ୍ରସନ୍ନ ଆଚାର୍ଯ୍ୟ କହିବା ପରେ, କାଉଣ୍ଟର କରିଛନ୍ତି ବିଜେପି ବିଧାୟକ । ନିର୍ବାଚନ କଥା ମନେ ପକାନ୍ତୁ, ଗୋଟିଏ ସମୟରେ ବିଜେଡି-ବିଜେପି ମେଣ୍ଟ ନେଇ ଚର୍ଚ୍ଚା ଚାଲିଥିଲାବେଳେ ବିଜେଡି ବିରୋଧରେ ବେଶ ଆକ୍ରମଣାତ୍ମକ ଥିଲେ ଜୟନାରାୟଣ। ଦଳ ସୁରକ୍ଷାରେ ମୁହଁ ଖୋଲିଲେ ପ୍ରତିପକ୍ଷଙ୍କ ମୁଣ୍ଡ ବିଗିଡ଼ି ଯାଉଥିଲା। ବୁଜେପିର ତୁଣ୍ଡ ପାଲଟିଥିବା ଜୟନାରାୟଣ ବିଜେପି ସରକାରରେ ମନ୍ତ୍ରୀପଦ ନପାଇବା ଦିନରୁ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଥିଲା।

## ବରଗଡ଼ ଧନୁଯାତ୍ରା...

ଏହା ହେବ ୭୭ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ। ଏହା ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତ ଦୁଇ ବର୍ଷ ଧରି ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ ହୃଷିକେଶ ଭୋଇ । ସେ ଏ ବର୍ଷ ମଧ୍ୟ ଏହି ଭୂମିକାରେ କରିଥା'ନ୍ତେ। କିନ୍ତୁ ସରକାରୀ ଚାକିରି କରୁଥିବା ହୃଷିକେଶ ଭୋଇ ଲାଞ୍ଚ ନେଇ ନିଲମ୍ବିତ ହେବା ପରେ ତାଙ୍କୁ ଏଥର କଂସ ଭୂମିକାରେ ଅଭିନୟ କରିବାକୁ ଅନୁମତି ଦେବା ଉଚିତ୍ ହେବ ନାହିଁ ବୋଲି କହିଥିଲା ବରଗଡ଼ ଧନୁଯାତ୍ରା କଳାକାର ସମନ୍ୱୟ କମିଟି। ଏହି କମିଟି ସୁପାରିଶ କରିଥିଲା ଯେ, ଯେହେତୁ ତାଙ୍କ (ହୃଷିକେଶ ଭୋଇ) ବିରୋଧରେ ଅଭିଯୋଗ ଆସିଛି ଓ ସେ ଦୋଷ ମୁକ୍ତ ହୋଇନାହାନ୍ତି, ତେଣୁ ଏଥର ସେ ଧନୁଯାତ୍ରାରେ ଅଭିନୟ କଲେ ଏହାର ମର୍ଯ୍ୟାଦା ଓ ଗାରିମା କମିଯାଇପାରେ। ସେ ଦୋଷମୁକ୍ତ ନହେବା ପର୍ଯ୍ୟନ୍ତ ତାଙ୍କୁ ଅବ୍ୟାହତି ଦେବାକୁ ସେମାନେ ପ୍ରସ୍ତାବ ଦେଇଥିଲେ। ଆଉ ସେମାନଙ୍କ ସୁପାରିଶକୁ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥିଲା। ଏଥର କେବଳ ଗୋଟିଏ ବର୍ଷ ପାଇଁ କଂସ ଭୂମିକାରେ ଅଭିନୟ କରିବା ପାଇଁ କଳାକାର ବଛା ଯାଇଥିବାରୁ ପୂର୍ବଭଳି ଚୟନ କରାଯାଇନଥିଲା। ୨୦୨୨ କଂସ ଚୟନ ପ୍ରକ୍ରିୟାରେ ଭାଗ ନେଇ ୨ରୁ ୫ ନମ୍ବର ସ୍ଥାନରେ ରହିଥିବା ୪ କଳାକାରଙ୍କୁ ଅଡିସନ ପାଇଁ ଡକା ଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ଭୁବନେଶ୍ୱର ପ୍ରଧାନଙ୍କ ସହିତ ଆର୍ତ୍ତତ୍ରାଣ ସୁନାନୀ, ଜଗଦାନନ୍ଦ ମିଶ୍ର ଓ ସୁଶୀଲ କୁମାର ମେହେର। ହେଲେ ସମସ୍ତଙ୍କୁ ପଛରେ ପକାଇ କଂସ ଭୂମିକାରେ ଅଭିନୟ ପାଇଁ ମନୋନୀତ ହୋଇଛନ୍ତି ବରଗଡ଼ ବ୍ଲକ ସର୍ଲା ଗାଁର ଭୁବନେଶ୍ୱର ପ୍ରଧାନ।

## ୟୁପିରୁ ଆସୁଛି ୩୦୦...

ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ଯଦି କୌଣସି ବ୍ୟବସାୟୀ ଅଧିକ ଦରରେ ଆଳୁ ବିକ୍ରି କରିବେ, ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଙ୍ଗଳବାରଠୁ ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀମାନେ ଆନ୍ଦୋଳନ ଡାକରା ଦେଇଥିବା ବେଳେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ପଶ୍ଚିମବଙ୍ଗରେ ବର୍ତ୍ତମାନ ୭ ଲକ୍ଷ ମେଟ୍ରିକ ଟନ୍ ଆଳୁ ଗଚ୍ଛିତ ଅଛି। ତାଙ୍କର ଚାହିଦା ଅତି ବେଶୀରେ ୫ ଲକ୍ଷ ମେଟ୍ରିକ ଟନ୍। ତେଣୁ ବାକି ୨ ଲକ୍ଷ ମେଟ୍ରିକ ଟନ୍ ଆଳୁ ସେମାନେ ଅନ୍ୟ ରାଜ୍ୟକୁ ଦେଇପାରିବେ। ପଶ୍ଚିମବଙ୍ଗ ବ୍ୟବସାୟୀମାନେ ଓଡ଼ିଶାକୁ ଆଳୁ ପଠାଇବା ପାଇଁ ଚାହୁଁଛନ୍ତି। କାରଣ ବେଶୀ ଦିନ ଆଳୁ ରହିଲେ ପଚିଯିବ। କିନ୍ତୁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଉ ନଥିବାରୁ ବ୍ୟବସାୟୀ କ୍ଷତି ସହିବେ। ସେଥିପାଇଁ ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେ ଆହୁରି କହିଛନ୍ତି, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଯେଉଁ ରାଜ୍ୟରେ ଯେଉଁ ସାମଗ୍ରୀ ଅଧିକ ଉତ୍ପାଦନ ହୁଏ, ସେ ରାଜ୍ୟ ଅନ୍ୟ ରାଜ୍ୟକୁ ରପ୍ତାନୀ କରେ। ହେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତି ଦ୍ୱାରା ଏହି ଭଲ ବାତାବରଣ ଉପରେ ଭଙ୍ଗା ପଡୁଛି । ଅନ୍ୟ ରାଜ୍ୟକୁ ଆଳୁ ଦେବେନି ବୋଲି ସେ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଠିକ୍ ନୁହେଁ। ମମତା ସବୁ ରାଜ୍ୟ ପ୍ରତି ସମଭାବନା ରଖିବା ଦରକାର।

## ପୁଲିସ ଗୁଳିରେ ...

ଏହି ଏନକାଉଣ୍ଟରରେ ୟେଲାଣ୍ଡୁ-ନରସମ୍ପେଟ୍ ଅଞ୍ଚଳର ଅଞ୍ଚଳର କମିଟି କମାଣ୍ଡର ବଦ୍ରୁ ଓରଫ ପାପନ୍ନା ନିହତ ହୋଇଥିବା ସୂଚନା ମିଳିଛି। ତେବେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କିଛି ନିଶ୍ଚିତ ହୋଇନାହିଁ। ଏହି ଏନକାଉଣ୍ଟର ସମ୍ପର୍କରେ ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଦେଇନାହିଁ। କହିରଖୁ ଯେ, ଏହା ପୂର୍ବରୁ ସେପଟେମ୍ବର ମାସରେ ତେଲଙ୍ଗାନାର ଭଦ୍ରାଦ୍ରି କୋଠାଗୁଡେମ ଅଞ୍ଚଳରେ ତେଲେଙ୍ଗାନା ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ ୬ ଜଣ ମାଓବାଦୀ ନିହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ମଧ୍ୟ ଥିଲେ। ସେହିପରି ଦୁଇ ଜଣ ପୁଲିସକର୍ମୀ ଆହତ ମଧ୍ୟ ହୋଇଥିଲେ।

## ଅତି କମରେ ୩ଟି ...

୨୦୦୨ରେ ଲାଗୁ ହୋଇଥିଲା, ସେଥିରେ କୁହାଯାଇଥିଲା ଯେ ଜନସଂଖ୍ୟା ଅଭିବୃଦ୍ଧି ହାର ୨.୧ ତଳକୁ ଖସିବା ଉଚିତ ନୁହେଁ। ଆମକୁ ଦୁଇରୁ ଅଧିକ ସନ୍ତାନର ଆବଶ୍ୟକ ଅର୍ଥାତ ୩ଟି ସନ୍ତାନ। ଜନସଂଖ୍ୟା ବିଜ୍ଞାନ ମଧ୍ୟ ଏହା କହୁଛି। ଏହି ସଂଖ୍ୟା ମହତ୍ତ୍ୱପୂର୍ଣ୍ଣ। କାରଣ ଏହା (ସମାଜ) ଜୀବିତ ରହିବା ଦରକାର।"

## କେନ୍ଦ୍ର-ରାଜ୍ୟ ସରକାର ...

ଏଥିରେ ଲୋକଙ୍କର ସହଯୋଗ ରହିଛି ବୋଲି କୁହାଯାଇଛି। ଛତିଶଗଡ ସରକାର ଭିଜନ-୨୦୪୭ ନାମରେ ରାଜ୍ୟର ସମସ୍ତ ଜଳ,ଜଂଗଲ ଜମି କୋରପୋରେଟମାନଙ୍କୁ ହସ୍ତାନ୍ତର କରିବା ପାଇଁ ଯୋଜନା କରିଛି। କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ସଂଗଠନ ଗର୍ଜିଛି। ନକ୍ସଲ ସଂଗଠନକୁ ମୂଳପ୍ରାଟନ କରିବା ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା କେବେ ସଫଳ ହେବ ନାହିଁ ବୋଲି ସଂଗଠନର ପ୍ରବକ୍ତା ସମତା ପ୍ରକାଶ କରିଛି। ସମସ୍ତେ ଚଳିତ ବର୍ଷ ପିଏଲଜିଏକୁ ଆସନ୍ତାକାଲି ଅର୍ଥାତ ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରନ୍ତୁ ବୋଲି ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

## ପାରିବାରିକ କଳହର...

ଜିଲ୍ଲା ବାରଙ୍ଗ ଥାନା ଗୋଡିସାହି ବାରସିଂଗା ଗାଁରେ। ଘଟିଛି। ଅଭିଯୁକ୍ତ ବୃଦ୍ଧ ଗୋବର୍ଦ୍ଧନ ରାଉତଙ୍କୁ ପୁଲିସ ଅଟକ ରଖିଛି। ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିବା ଗୋବର୍ଦ୍ଧନଙ୍କ ପୁଅବୋହୂ ହେଲେ ଦୀନବନ୍ଧୁ ରାଉତ ଓ ତାଙ୍କ ପତ୍ନୀ। ଉଭୟଙ୍କୁ କଟକ ଏସସିବିରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ତେବେ କ'ଣ ପାଇଁ ବୃଦ୍ଧଜଣକ ଏପରି ଭୟଙ୍କର କାଣ୍ଡ ଘଟାଇଲେ ସେ ନେଇ କିଛି ଜଣାପଡ଼ିନି।

# ଚାନ୍ଦପୁର ଲକ୍ଷ୍ମୀନୃସିଂହ ମନ୍ଦିରରେ ସାଧୁ ସନ୍ଥ ସମ୍ମିଳନୀ

କୋରେଇ, ୦୧/୧୨ (ନି.ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଚାନ୍ଦପୁରସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର ପରିସରରେ ଗ୍ରାମର ମୁରବୀ ଥତା ପୂର୍ବତନ ସରଂପଚ ସ୍ୱର୍ଗତ ବିଷ୍ଣୁ ଚରଣ ରାଉତଙ୍କ ସ୍ମୃତି ଉଦ୍ଦ୍ୟେଶରେ ଆଜି ଏକ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କଟକ, ପୁରୀ, ଯାଜପୁରରୁ ସାଧୁ ସନ୍ଥ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସୁନ୍ଦରାକାଣ୍ଡ, ଭାଗବତ ପାଠ, ସନ୍ଥ ପୂଜନ, ନାମ ସଙ୍କିତନ, ସାଧୁ ପଙ୍ଗତ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ଚାନ୍ଦପୁର ଗ୍ରାମବାସୀଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଦୀପକ ରାଉତ, ଦିଲ୍ଲୀପ ରାଉତ, , ଅନିଲ ରାଉତ, ଅଜିତ ରାଉତ, ବଟକୃଷ୍ଣ ସ୍ୱାଇଁ, ପୂର୍ଣ୍ଣାନନ୍ଦ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରେମୁଣା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ରଥର ଶୁଭାରମ୍ଭ



ବାଲେଶ୍ୱର, ୦୧/୧୨ (ନି.ପ୍ର): ରେମୁଣା ବ୍ଲକ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ରଥର ଶୁଭାରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରେମୁଣା ବ୍ଲକ ବିଡ଼ିଓ ସନ୍ତୋଷ କୁମାର ବାରିକ, ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ଦାସ ଫିତା କାଟି ଉଦ୍ଘାଟନ କରିବା ପରେ ରଥ ଆଗକୁ ବଢିଥିଲା। ଏହି ରଥ ସମସ୍ତ ଗାଁ ଗାଁ ବୁଲି ଲୋକଙ୍କୁ ସରକାରଙ୍କ ଆବାସ ଯୋଜନା ସମ୍ବନ୍ଧରେ ଅବଗତ କରାଇବ। ସରକାରଙ୍କ ନିଷ୍ପତି ଅନୁଯାୟୀ କୌଣସି ଯୋଗ୍ୟ ହିତାଧିକାରୀ ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ। ଏଥିପାଇଁ ସରକାର ଏକ ନୂତନ ପ୍ରଣାଳୀରେ ଏହାର ଅନୁଧ୍ୟାନ କରିବେ। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ପୋର୍ଟାଲରେ ପ୍ରଧାନ ମନ୍ତ୍ରୀ ଆବାସ ପାଇଁ ଆବେଦନ କରିବେ।

ସୋମବାର, ୦୨ ଡିସେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ବଡ଼ସାହି, ୦୧/୧୨ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ବିହାର ସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୫ତମ କ୍ରୀଡ଼ା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ସଭାପତିତ୍ୱରେ ଉଦଘାଟନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟେନ୍ଦ୍ର କୁମାର ବିଶ୍ୱାଳ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ କବି ରତିକାନ୍ତ ବେହେରା ଯୋଗଦାନ କରି କ୍ରୀଡା ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଇବା ସହିତ ଶାରିରୀକ ମାନସିକ ବିକାଶ କରାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ କ୍ରୀଡା ଶିକ୍ଷକ ମନୋରଞ୍ଜନ ମହାପାତ୍ର, ସିଆରସିସି ସନକ କୁମାର ଘୋଷ, କବି କାର୍ତ୍ତିକ ସେଠୀ, ରଣଜିତ୍ ମହାନ୍ତି ଓ ସୋନାଳି ଦଣ୍ଡପାଟ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତୀ ପୁହାଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ରବିବାର ଉଦ୍‌ଯାପନ ଉତ୍ସବ କବିକଲୋଳ ଶିବଶଙ୍କର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ଜଗତ୍ ବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି କ୍ରୀଡା ଶାରିରୀକ ମାନସିକ ବିକାଶର ମୂଳ ପିଣ୍ଡ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ଶଶିଶେଖର ପଣ୍ଡା ଓ ସମ୍ମାନୀତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଭବାନୀ ଶଙ୍କର ସାହୁ, ସମାଜସେବୀ ଜୟଚନ୍ଦ୍ର ମହାନ୍ତି, ଗୁରୁଜୀ ଦୀପକ ଦାସ, ରୀନା ଷଡଙ୍ଗୀ ଓ ବୀଣାପାଣି ବାରିକ ଯୋଗଦାନ କରି କ୍ରୀଡ଼ା ପିଲାଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅତିଥି ପରିଚୟ ଗୁରୁଜୀ ଅତୁଲ୍ୟ ସୁନ୍ଦର ଭଞ୍ଜ ବାବୁ କରିଥିବା ବେଳେ ସମ୍ବିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




# ସବାଇ କାରିଗର କନକଲତା ମହନ୍ତ ପାଇଲେ କଳିଙ୍ଗ କନ୍ୟା ସମ୍ମାନ ୨୦୨୪



ବାରିପଦା , ୦୧/୧୨ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟ, ଭୁବନେଶ୍ୱର ତରଫରୁ ମୟୂରଭଞ୍ଜ ଜିଲ୍ଲାର ବାରିପଦା ବ୍ଲକର ବଡ଼ଯୋଡ ବିଶିଷ୍ଟ ସବାଇ କାରିଗରୀ ଗୁରୁ କନକଲତା ମହନ୍ତ ପାଇଲେ କଳିଙ୍ଗ କନ୍ୟା ସମ୍ମାନ ୨୦୨୪ । ଭୁବନେଶ୍ୱର ସ୍ଥିତ ଇଞ୍ଜିନିୟରସ୍ ଭବନର ସମ୍ମିଳନୀ କକ୍ଷରେ ଭବ୍ୟ ଓ ଆକର୍ଷଣୀୟ ସଭାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବିଭିନ୍ନ ବର୍ଗ ଓ ବିଭାଗର ୧୦୦ ଜଣ ମହିଳା ପ୍ରତିଭାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ କଳିଙ୍ଗ କନ୍ୟା ପୁସ୍ତକ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ଟ୍ରଷ୍ଟର ସଭାପତି ଡ଼ ଅଶୋକ ମହାପାତ୍ର ସଭାପତିତ୍ୱ କରିଥିଲେ । ଅନ୍ୟତମ ଅତିଥି ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ଼ କୁମରବ୍ର ଦାସ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ସବିତା ପ୍ରଧାନ ଯୋଗଦେଇ ଓଡ଼ିଆ ଅସ୍ମିତା ସୁରକ୍ଷା ସହ ଗ୍ରାମୀଣ ଓଡ଼ିଶାକୁ ସୁସ୍ଥ ଓ ସୁନ୍ଦର ରଖିବାର ଅବଦାନ ପାଇଁ ଏହି କଳିଙ୍ଗ କନ୍ୟା ମାନଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀମତୀ ମହନ୍ତ ଙ୍କୁ ମୟୂରଭଞ୍ଜର ସମସ୍ତ କଳା ସଂସ୍କୃତି ପ୍ରେମୀ ଓ ସବାଇ କାରିଗର ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସାଂଗଠନିକ ବୈଠକ



କପ୍ତିପଦା, ୦୧/୧୨ (ନି.ପ୍ର): କପ୍ତିପଦା ବ୍ଲକସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଗଠନ(ପିଷ୍ଟା) ପକ୍ଷରୁ ବଡବିଶୋଲସ୍ଥିତ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଂଗଠନିକ ବୈଠକ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା,ଶିକ୍ଷକ ଓ ଶିକ୍ଷାବ୍ୟବସ୍ଥାର ବର୍ତ୍ତମାନର ସ୍ଥିତି ଓ ପରବର୍ତ୍ତୀ ଆଭିମୁଖ୍ୟ ଉପରେ ଆୟୋଜିତ ଏହି ବୈଠକରେ ବ୍ଲକ ସଭାପତି ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସଂପାଦକ ବିରଞ୍ଚିନାରାୟଣ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟନାରାୟଣ ସେଠୀ, କାର୍ଯ୍ୟକାରୀ ସଂପାଦକ ଶିଶିର ପାଢୀ ପ୍ରମୁଖ ପିଷ୍ଟା ସଂଘର ଆଭିମୁଖ୍ୟ, ରୂପରେଖ ଓ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରିଥିଲେ । ପିଷ୍ଟା ସଂଘର ଜିଲ୍ଲା ସଭାପତି ସୁବଳ କୁମାର ଶଙ୍ଖୁଆ ଓ କୋଷାଧ୍ୟକ୍ଷ ଚକ୍ରପାଣି ଦଳେଇ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରିଥିଲେ । ବ୍ଲକ ପିଷ୍ଟା ପରିବାରର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସଭାରେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ । ଶେଷରେ କୋଷାଧ୍ୟକ୍ଷ ମହେଶ୍ୱର ମୁର୍ମୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନ୍ୟାୟ ପାଇଁ ଅଖିଳ ଭାରତୀୟ ଓକିଲ ସଂଘର କଟକରେ ସାଧାରଣ ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୦୧/୧୨ (ନି.ପ୍ର): ନ୍ୟାୟ ପାଇଁ ଅଖିଳ ଭରତୀୟ ଓକିଲ ସଂଘର ଏକ ସାଧାରଣ ବୈଠକ କଟକ ରାମଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରର ସାଧାରଣ ସଂପାଦକ କ୍ଲିଫଂଟନ୍ ଡି. ରୋଜାରିଂ ଓ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୁରୁପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲେ। ଶ୍ରୀ ଧୋନଜ ସାହୁ, ଅଗସ୍ତି କାନୁନଗୋ, ବିଜୟ କୁମାର ବେହେରା, ପ୍ରଶାନ୍ତ କୁମାର ଜେନା, ସୀତାରାମ ମେହେର (ବରଗଡ଼) ଓ ସାକିଲା ବାନୋ ପ୍ରମୁଖ ବରିଷ୍ଠ ଆଇନଜୀବୀଗଣ ଅତିଥିରୂପେ ମଂଚାସୀନ ଥିଲେ। ବାଲେଶ୍ୱରର ଆଇନଜୀବୀ ଏମ୍.ଡି. ଇସଲାମ୍ ସମସ୍ତ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ। ଏହି ସାଧାରଣ ସଭାରେ କନିଷ୍ଠ ଆଇନଜୀବୀ ଓ ବରିଷ୍ଠ ଆଇନଜୀବୀଙ୍କୁ କିପରି ଆର୍ଥିକ ଭାବରେ ସ୍ୱଚ୍ଛଳ କରାଯାଇପାରିବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଓଡ଼ିଶାରେ କିଭଳି ଆଡ଼ଭୋକେଟ୍ ପ୍ରୋଟେକ୍ସନ ଆକ୍ଟ ଲାଗୁ କରାଯିବ ଓ ଆଗାମୀ ବିଧାନସଭାରେ ଏ ସଂପର୍କରେ ବିଧିବଦ୍ଧ ଭାବେ ଆଇନ୍ ପାରିତ ତଥା ପାସ୍ କରାଯାଇପାରିବ ଏ ବାବଦରେ ଓଡ଼ିଶା ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତତ୍‌ସହିତ ଆଗାମୀ ଡିସେମ୍ବର ୨୧ ଓ ୨୨ ତାରିଖରେ ହେବାକୁ ଥିବା ନ୍ୟାୟ ପାଇଁ ସର୍ବଭାରତୀୟ ୨ୟ ସମ୍ମିଳନୀର ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ପାଖାପାଖି ୧୪ଟି ଜିଲ୍ଲାର ଆଇନଜୀବୀ ଭାଗ ନେଇଥିଲେ।

## କସିପଦା ଗ୍ୟାସ ଦୋକାନରୁ ଗ୍ୟାସ ଟ୍ୟାଙ୍କି ଚୋରି

ବସ୍ତା, ୦୧/୧୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ କସିପଦା ଛକ ନିକଟରେ ଥିବା ଗ୍ୟାସ ଚୁଲା ରିପାୟରିଂ ଦୋକାନ ରୁ ବିଳମ୍ବିତ ରାତିରେ ଚୋରି । ସୂଚନା ରୁ ପ୍ରକାଶ ଯେ କସିପଦା ଛକରେ ତାହାରପୁର ଗ୍ରାମ ର ବସନ୍ତ ବେହେରା ଙ୍କ ଏକ ଓମ୍ ସାଇ ନାମକ ଗ୍ୟାସ ଚୁଲା ଓ ଗ୍ୟାସ ଟାଙ୍କୀ ରିପ୍ୟାରିଁ ଦୋକାନ ଅଛି। ଗତ କାଲି ବିଳମ୍ବିତ ରାତିରେ ଦୋକାନ ରେ ଥିବା ଚାରୋଟି ଖାଲି ଟାଙ୍କି ଓ ଚାରୋଟି ହୋଇଥିବା ଗ୍ୟାସ ପୂର୍ଣ୍ଣ ଟାଙ୍କି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇ ଯାଇଛି । ସକାଳ ସମୟରେ ଦୋକାନ ଖୋଲିବା ପାଇଁ ଆସି ଦୋକାନ ଚାବି ଭଙ୍ଗା ହୋଇଥିବା ଶ୍ରୀ ବେହେରା ସଙ୍ଗେ ସଙ୍ଗେ ରୂପସା ଥାନା କୁ ଖବର ଦେଇ ଥିଲେ । ଘଟଣା ସ୍ଥଳ ରେ ରୂପସା ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ବିଶ୍ୱ ଏଡ଼ସ୍ ଦିବସ ପାଳିତ

ଉଦଳା , ୦୧/୧୨ (ନି.ପ୍ର): ଉଦଳା ମହାବିଦ୍ୟାଳୟ ପରିସରରେ ଆଜି ଡ଼ିସେମ୍ବର ୧ ତାରିଖ ରବିବାର ଦିନ +୨ ଓ +୩ର ୟୁଥ ରେଡ଼କ୍ରସ, ରେଡ଼ରିବନ କ୍ଲବ ଓ ଜାତୀୟ ସେବା ଯୋଜନା ତରଫରୁ ମିଳିତ ଭାବରେ ବିଶ୍ୱ ଏଡ଼ସ୍ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ସଚେତନତା ଶୋଭାଯାତ୍ରା, ଆଲୋଚନାଚକ୍ର ଓ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ପ୍ରଭାତରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ହାତରେ ସଚେତନତାର ବାର୍ତ୍ତା ଲେଖାଥିବା ପ୍ରଚାରପତ୍ର ଧରି ଉଦଳା ସହର ପରିକ୍ରମା କରିଥିଲେ । ଏହାପରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପ୍ରଶାସନିକ ଅଧିକାରୀ ଡ଼. ଆଲୋକ ରଂଜନ ପ୍ରଧାନ ଏଡ଼ସ୍ ରୁ ମୁକ୍ତି ପାଇଁ ସଚେତନତା ହିଁ ଏକମାତ୍ର ବିକଳ୍ପ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦଳା ରୋଟାରୀ କ୍ଲବର ଉପସଭାପତି ସୁଦର୍ଶନ ପ୍ରଧାନ, ସମ୍ପାଦକ ଚିତ ରଂଜନ ବାରିକ, ପ୍ରାକ୍ତନ ସଭାପତି ଡ଼ା. ଶଚିଦାନନ୍ଦ ପରିଡ଼ା ଓ ମନୋରଂଜନ ପାଢ଼ି, ଯୋଗଗୁରୁ ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଅଂଶ ଗ୍ରହଣ କରି ଏଡ଼ସ୍ ରୋଗର ଭୟାବହତା ଆଜି କିପରି ସମଗ୍ର ବିଶ୍ୱକୁ କବଳିତ କରିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସହ ଏଥିରୁ ମୁକ୍ତି ପାଇଁ ଆମକୁ କିପରି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ଭାଷଣ ମାଧ୍ୟମରେ କହିଥିଲେ । ଶୁଶାନ୍ତ କୁମାର ପଟ୍ଟନାୟକ ଉଦଳା ଅଂଚଳରେ ବର୍ତ୍ତମାନ ସୁଦ୍ଧା ୭୧ ଜଣ ଏଡ଼ସ୍ ରୋଗୀ ଚିହ୍ନଟ ହୋଇଛନ୍ତି ସୂଚନା ପ୍ରଦାନ କରିବା ସହ ସଚେତନତା ଅବଲମ୍ବନ ନକଲେ ଖୁବ୍ କମ୍ ସମୟ ମଧ୍ୟରେ ଏହା ସମଗ୍ର ଉଦଳାକୁ ଗ୍ରାସ କରିଦେବ ଏଥିରେ ସନ୍ଦେହ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା । ଅଧାପକ ସୌମେନ୍ଦ୍ର କୁମାର ଦାଶ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଦିଲ୍ଲିପ କୁମାର ପାଟଯୋଶୀ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଅଧାପିକା ହେଲିନା ଦାସ ଏଡ଼ସ୍ ରୋଗୀଙ୍କ ପାଇଁ ଥିବା ହେଲପ ଲାଇନ ନମ୍ବର ୧୦୯୭ ବୋଲି ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।




# ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ଓ ସଚେତନତା କାର୍ଯ୍ୟକ୍ରମ

ବେତନଟୀ , ୦୧/୧୨ (ନି.ପ୍ର): ସେଣ୍ଟର ଫୋର ଏନଭାୟାରନମେଣ୍ଟାଲ ଷ୍ଟଡି ଓଡିଶା ସରକାରଙ୍କ ସହାୟତାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ବେତନଟୀରେ ବ୍ଲକ ସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ଓ ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୧୪ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ଇକୋ କ୍ଲବ ସଂଯୋଜକ ତଥା ମାଷ୍ଟର ଟ୍ରେନର ଡ଼କ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ଶକ୍ତି ସଂରକ୍ଷଣ କୁଇଜ ପ୍ରତି ଯୋଗୀତାରେ ବିଜୟୀ ହୋଇ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର କରି ଥିବା ଛାତ୍ର ଛାତ୍ରୀ ଯଥା କ୍ରମେ ଅଲିଭା ରାଉତଙ୍କୁ ସାତ ଶହଟଙ୍କା, ହର୍ଷିତ ରାଉତ ପାଞ୍ଚ ଶହ, ଆୟୁଷ କୁମାର ମହାନ୍ତଙ୍କୁ ତିନି ଶହ ଟଙ୍କା ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏଥିରେ ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜିଲ୍ଲା ସୃଜନୀର ପ୍ରଶିକ୍ଷକ ନରହରି ମହାନ୍ତ, ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଦାସ,ଏନ ସି ସି ଅଫିସର ପ୍ରକାଶ କୁମାର ଗିରି,ଶିକ୍ଷକ ନିରୋଜ କୁମାର ମହାନ୍ତ,ଶକ୍ତି କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ମନସ୍ୱୀନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ସୁବୋଧ କୁମାର ସାହୁ ।



## କପ୍ତିପଦାରେ ବିଶ୍ୱ ଏଡସ୍ ଦିବସ ପାଳିତ

କପ୍ତିପଦା, ୦୧/୧୨ (ନି.ପ୍ର): କପ୍ତିପଦାସ୍ଥିତ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜୁନିୟର ରେଡକ୍ରସର ବ୍ଲକ ସଂଯୋଜକ ତଥା ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କପ୍ତିପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଂରାୟ ମୁର୍ମୁ, ମୁଖ୍ୟବକ୍ତାଭାବେ ଦୋଳିପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଂଜୟ ମହାନ୍ତି ଓ ସମ୍ମାନିତ ଅତିଥିଭାବେ ରମେଶ ମାରାଣ୍ଡି, ଅମିତ କୁମାର ପାତ୍ର ଏବଂ ବିଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଏଡସ୍ ସଂପର୍କରେ ନିଜ ନିଜର ବ୍ୟକ୍ତବ୍ୟ ଦେଇଥିଲେ ଏବଂ ଜନସଚେତନତା କାର୍ଯ୍ୟ କରିବାକୁ ମତାମତ ରଖିଥିଲେ ।

# ବରିଷ୍ଠ ବିଜେଡି ନେତା ଗୌରୀ ରାଉତଙ୍କ ପରଲୋକ



ବାଲେଶ୍ୱର ୦୧/୨୪ ସଦର ବ୍ଲକ ଅନ୍ତର୍ଗତ ସାହାଦା ପଞ୍ଚାୟତର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବ୍ରିଟ୍ ଅଧକ୍ଷ ଗୌରୀ ରାଉତଙ୍କ ପରଲୋକ ହୋଇଯାଇଛି।୬୫ ବର୍ଷର ଶ୍ରୀ ରାଉତଙ୍କ ମୃତ୍ୟୁରେ ସଦର ନିର୍ବାଚନ ମଣ୍ଡଳୀରେ ଶୋକରେ ଛାୟା ଖେଳିଯାଇଛି। ସାହାଦାସ୍ଥିତ ବାସଭବନରେ ଶ୍ରୀ ରାଉତଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ମୂଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା ମାତ୍ର ହୃଦଘାତ କାରଣରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଛାତ୍ର ସଂସଦର ସଭାପତିରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସାହାଦା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ଅଞ୍ଚଳରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରି ଲୋକ ପ୍ରିୟତା ହୋଇପାରିଥିଲେ। ବିଜେଡି ଦଳର ଜଣେ ବରିଷ୍ଠ ଲୋକ ପ୍ରିୟ ନେତା ଭାବେ ପରିଚିତ ହୋଇପାରିଥିଲେ। ଫଳରେ ଶ୍ରୀ ରାଉତ ଲଗାତର ୩ଥର ବ୍ରିଟ୍ ଅଧକ୍ଷ ହୋଇଥିଲେ। ତାଙ୍କର ମୃତ୍ୟୁର ଖବର ପାଇ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ବିଜେଡି ନେତା ରଞ୍ଜନ ବାଘଙ୍କ ସମେତ ବହୁ ନେତା ତଥା ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ଏଡ଼ସ୍ ଦିବସ ପାଳିତ




ଭଦ୍ରକ , ୦୧/୧୨ (ନି.ପ୍ର): ଡିସେମ୍ବର ୧ ତାରିଖକୁ ପ୍ରତିବର୍ଷ ବିଶ୍ୱ ଏଡସ୍ ଦିବସ ଭାବେ ପାଳନ କରାଯାଇ ଆସୁଥିବା ପରିପ୍ରେକ୍ଷୀରେ ଚଳିତ ବର୍ଷ ଏହି ଦିନଟିକୁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପାଳନ କରାଯାଇଛି। ଦୁରାରୋଗ୍ୟ ଭାବେ ବିବେଚିତ ମହାମାରୀ ଏଡ଼ସ୍ ରୋଗର ସଂକ୍ରମଣ ରୋକିବା ନେଇ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପତାକା ପ୍ରଦର୍ଶନ କରି ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଲାୟନ୍‌ସ କ୍ଲବର ସଭାପତି ଅଶୋକ ମହାନ୍ତି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଶୁଭମ୍ ନର୍ସିଂ ହୋମ ଏବଂ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର, ଛାତ୍ରୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଏଡ଼ସ୍ ସଚେତନତା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ଼ ପ୍ରଦର୍ଶନକରି ସ୍ଲୋଗାନ ଦେଇଥିଲେ। ପଦଯାତ୍ରା କାର୍ଯ୍ୟକ୍ରମର ଶେଷ ଭାଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସି.ଡ଼ି.ଏମ୍.ଓ. ସୁଧାଂଶୁ ଶେଖର ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏଡ଼ି.ପି.ଏଚ୍. ଓ.ଟି.ବି., ଡା. ସନ୍ତୋଷ କୁମାର ପୃଷ୍ଟି, ଡି.ପି.ଏମ୍. ସରିତା ମହାପାତ୍ର, ଫେଲୋସିପ୍ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସଭାପତି ଲାୟନସ୍ କ୍ଲବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଡ଼ସ୍ ସଚେତନତା ନେଇ ଚଳିତ ବର୍ଷ ପାଇଁ ରଖାଯାଇଥିବା ବିଷୟ 'ଅଧିକାରର ସଠିକ୍ ମାର୍ଗ ଅନୁସରଣ କରିବା' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଆଚରଣ ଓ ଉଚ୍ଚାରଣରେ ଆମେ ସମସ୍ତେ ସଞ୍ଜମତା ଅବଲମ୍ବନ କଲେ ସମାଜକୁ ନିଶ୍ଚେ ଏଡ଼ସ୍ ମୁକ୍ତ କରିପାରିବା ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଡ଼ସ୍ ର ନିରାକରଣ ନେଇ ସମସ୍ତ ପ୍ରକାର ସତର୍କତା ସମ୍ବନ୍ଧରେ ଏବେବି ଜନ ସଚେତନତାର ଆବଶ୍ୟକ ଅଛି। ରୋଗକୁ ଘୃଣା କରିବା ମାତ୍ର ରୋଗୀକୁ ନୁହେଁ। ଏବେ ବି ଯେଉଁମାନେ ଏଡ଼ସ ସହ ଜୀବନ ଜୀଉଁଛନ୍ତି ସେମାନଙ୍କ ଅଧିକାର ପ୍ରତି ଆମେ ସମସ୍ତେ ସମ୍ବେଦନଶୀଳ ହେବା ଆମର କର୍ତ୍ତବ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ଜରିଆରେ ମତାମତ ପ୍ରକାଶ କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଏରେଇଁ, ଚରମ୍ପା ଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସନ୍ଧ୍ୟା ୫ ଟାରେ ରେଳଷ୍ଟେସନ୍, ଚରମ୍ପା ଠାରେ ଏଡ଼ସ୍ ସଚେତନତା ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଡି.ପି.ଏମ୍.ଡ଼ି. ଏ.ପି.ସି.ୟୁ., ଦେବବ୍ରତ ମହାପାତ୍ର ଙ୍କ ସଂଯୋଜନାରେ ଏହି ଦିବସ ପାଳନ ଭିତ୍ତିକ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# କବି ମାୟାଧର ନାୟକଙ୍କ 'ମାମୁଁ ଘର ଗାଁ' ପୁସ୍ତକ ଲୋକାର୍ପିତ




ଖଇରା, ୦୧/୧୨ (ନି.ପ୍ର): ଖଇରା ଅଞ୍ଚଳର ସୁନାମଧନ୍ୟ କବି ମାୟାଧର ନାୟକଙ୍କ ଦ୍ୱାରା ରଚିତ କବିତା ସଙ୍କଳନ "ମାମୁଁ ଘର ଗାଁ" ଲୋକାର୍ପିତ ହୋଇ ଯାଇଛି । ଏହି ଅବସରରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରହିତ୍ୟରେ ଏକ ଉନ୍ମୋଚନ ସଭା ଅନୁଷ୍ଠିତ ହୋଇଥିଲା। ଜଳେଶ୍ୱର ଦିନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ତଥା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟଅତିଥି,ଖଇରା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ବ୍ରଜେନ୍ଦ୍ର ନାଥ ଗିରି ମୁଖ୍ୟ ବକ୍ତା,ପ୍ରଧ୍ୟାପକ ଦୟାନିଧି ସାହୁ,ଡ ଅଜୟ କୁମାର ନାୟକ,ଡା ଶ୍ରୀକାନ୍ତ ମହାନ୍ତି,ଖଇରା ସାହିତ୍ୟ ସଂସଦ ସଭାପତି ମାୟାଧର ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କବି ହରିହର ପାଣିଗ୍ରାହୀ ପୁସ୍ତକର ସମୀକ୍ଷା କରିଥିଲେ । କୈଳାସ ପୃଷ୍ଟି ମଞ୍ଚ ଆହ୍ୱାନ,ରଘୁନାଥ ପତ୍ରୀ ଅତିଥି ପରିଚୟ ଓ ସଙ୍କୀର୍ତ୍ତନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିର ର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo